## ମା'-ପୁଅଙ୍କୁ ଠେଙ୍ଗାରେ ଆକ୍ରମଣ

**ବଇଣ୍ଡା, ୪।୭ (ସମିସ):** ହଣ୍ଡପା ଥାନା ବଡ଼ ଗୋବିନ୍ଦପୁର ଗ୍ରାମର ମନ୍ଦାକିନୀ ଗୋଛାୟତ ଓ ତାଙ୍କ ପୁଅ ଜିତ ଗୋଛାୟତଙ୍କୁ ସେହି ଗ୍ରାମର ମିଥୁନ ନାୟକ ଏକ ଠେଙ୍ଗାରେ ମାଡ଼ମାରିବା ସହ ଗାଳି ଗୁଲଜ କରିଥିବା ହଣ୍ଡପା ଥାନାରେ ମନ୍ଦାକିନୀ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ନମ୍ବର ୨୧୫/ ୨୪ ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ, ଜିତ୍ ପାଠ ପଢି ଘରକୁ ଫେରୁଥିବା ବେଳେ ମିଥୁନ ତାଙ୍କୁ ପ୍ରଥମେ ମାଡ଼ ମାରିଥିଲେ। ଏ ନେଇ ମନ୍ଦାକିନୀ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଏକ ଠେଙ୍ଗା ରେ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ମିଥୁନ ମଧ୍ୟ ଏକ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ, ସେ ତାଙ୍କ ଘରେ ଥିବା ବେଳେ କୌଣସି କାରଣ ନ ଥାଇ ତାଙ୍କୁ ଗୁଡିଆ ଗୋଛାୟତ, ପତି ଗୋଛାୟତ, କୃପା ଗୋଛାୟତ, ନିରାକାର ଗୋଛାୟତ, ନୀଳ ଗୋଛାୟତ, ବେଙ୍ଗ ଗୋଛାୟତ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ନମ୍ବର ୨୧୬/୨୪ ରେ ଏକ ମାମଲା ରୁଜୁ କରାଯାଇଛି।

## ଦୋକାନ ଭଙ୍ଗାରୁଜା ଅଭିଯୋଗ

**ବଇଣ୍ଡା, ୪।୭ (ସମିସ):** ଠାକୁରଗଡ଼ ଥାନା ନାକିଟିରୋଡ଼ ନିକଟରେ ଦୋକାନ ଦେଇଥିବା ଜରପଡ଼ା ଗ୍ରାମର ପୁଞ୍ଜିଇ ସାହୁଙ୍କ ଫାଷ୍ଟଫୁଟ ଦୋକାନକୁ ଠାକୁରଗଡ଼ ଗ୍ରାମର ବଗଲା ସାହୁ ଭଙ୍ଗାରୁଜା କରିଥିବା ଠାକୁରଗଡ଼ ଥାନରେ ଅଭିଯୋଗ ହୋଇଛି। ପୁଲିସ ଏ ନେଇ ନମ୍ବର ୧୪୬/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ କହିଛି ଯେ, ପୁଞ୍ଜିଇ ଏକ ଫାଷ୍ଟ ଫୁଡ ଦୋକାନ ଦେଇଥିବା ବେଳେ ବଗଲା ଫାଷ୍ଟ ଫୁଡ ଖାଇବାକୁ ଯାଇଥିଲେ। ହେଲେ କିଛି ସମୟ ବିଳମ୍ବ ହୋଇଥିବା ଯୋଗୁଁ ସେ ଗଣ୍ଡଗୋଳ କରିଥିଲେ। ଏ ନେଇ ସେ ପ୍ରତିବାଦ କରିବାରୁ ତାଙ୍କୁ ଗାଳି ଗୁଲଜ କରିବା ସହ ଦୋକାନକୁ ଭଙ୍ଗା ରୁଜା କରିଥିଲେ। ଏକ ପଥର ସାହାଜ୍ୟରେ ତାଙ୍କ ମିଠା ରଖୁଥିବା ଫ୍ରିଜ କୁ ଭାଙ୍ଗି ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

# କୁମୁରସିଙ୍ଗା ପ୍ରାଥମିକ ସ୍କୁଲରେ ବର୍ଷେହେଲା ତାଲା

କିଶୋରନଗର, ୪।୭ (ସମିସ)



ସରକାର ବିଭିନ୍ନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଅଧିବାସୀଙ୍କ ପାଇଁ ଶିକ୍ଷା, ପିଇବା ପାଣି, ଆଲୋକୀକରଣ ଆଦି ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ହେଲେ କିଶୋରନଗର ବ୍ଲକ

- ଭଙ୍ଗାଦଦରା ଗୃହ ନିର୍ମାଣ କରି ଠିକାଦାର ଛୁ'
- ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ

ରଣିଆକଟା ପଞ୍ଚାୟତର ମାନଯୋର ଜଳସେଚନ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ନୂଆ କୁମୁରସିଙ୍ଗା ଗ୍ରାମବାସୀଙ୍କ ପକ୍ଷେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବିଶେଷ କରି ଏହି ଗ୍ରାମର ଛାତ୍ରଛାତ୍ରୀଙ୍କ ଶିକ୍ଷା ପ୍ରତି ପ୍ରଶାସନ ୪ବର୍ଷ ହେଲା ଅଣଦେଖା କରିଚାଲିଛନ୍ତି। ୧୯୭୨ ମସିହାରେ ସ୍ଥାପିତ ହୋଇଥିବା ପୁରୁଣା କୁମୁରସିଙ୍ଗାରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। କୋଭିଡ୍ -୧୯ ପରେ ଏହି ବିଦ୍ୟାଳୟରୁ ପିଲାମାନଙ୍କୁ ଶିକ୍ଷା ବିଭାଗ ନିର୍ଦ୍ଦେଶରେ ସ୍କୁଲ କର୍ତ୍ତୃପକ୍ଷ ସ୍କୁଲ ଆଉ ଏଠାରେ ଚାଲିବ ନାହିଁ ବୋଲି ଅଭିଭାବକଙ୍କୁ ଡକାଇ ପିଲାମାନଙ୍କୁ ଟିସି ଦେଇଥିଲେ। ପରବର୍ତ୍ତୀ ସମୟରେ ନୂଆ କୁମୁରସିଙ୍ଗାରେ ଗ୍ରାମବାସୀଙ୍କ ଅବସ୍ଥାପିତ କରାଯାଇଛି। ହେଲେ ୩୪ ଟି ବିସ୍ଥାପିତ ପରିବାର ଏଠାରେ ଘରଦ୍ୱାର କରି ଥଇଥାନ ହୋଇଛନ୍ତି। କିନ୍ତୁ ପିଲାମାନଙ୍କ ପାଇଁ ଲକ୍ଷ ଲକ୍ଷ ଟଙ୍କାରେ ନିମ୍ନମାନର ସ୍କୁଲ ଘର ନିର୍ମାଣ କରି ଠିକାଦାର ଛୁ ମାରିଛି। ମାନଯୋର ଜଳସେଚନ ବିଭାଗ ଅଧିକାରୀଙ୍କ ଦାୟିତ୍ୱ ହୀନତା ଯୋଗୁଁ ସ୍କୁଲ ଗୃହରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇନି କି ପାଇଖାନାରେ ପାଣିର ବ୍ୟବସ୍ଥା, ଆଲୋକୀକରଣ, ରାମ୍ପ ବ୍ୟବସ୍ଥା କରାଯାଇ ନଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହି ସବୁ ସମସ୍ୟାର ସମାଧାନ ପାଇଁ ସୋମବାର ବ୍ଲକରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏବେ ୧୮ ଜଣ ଛାତ୍ରଛାତ୍ରୀ ୨କିମି ଦୂର ଭରଥାପୁର ଗ୍ରାମ ସ୍କୁଲରେ ବର୍ଷା ଖରାକୁ ସହ୍ୟ କରି ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ଜିଲ୍ଲାପାଳ ଗ୍ରାମବାସୀଙ୍କ ଅଭିଯୋଗକୁ ବିଚାରକରି ତୁରନ୍ତ ଏହାର ସମାଧାନ ପାଇଁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଣୀ ପ୍ରତିଭା ବାରିକ୍, ବିଇଓ ଅରୁଣ କୁମାର ସେଠୀ, ଏବିଇଓ ସ୍ୱଜନ କୁମାର ସାହୁ ନୂଆ କୁମୁରସିଙ୍ଗା ଗ୍ରାମକୁ ଯାଇ ସ୍କୁଲର ଅବ୍ୟବସ୍ଥା ଦେଖି ମାନଯୋର ଜଳସେଚନ ବିଭାଗକୁ ଜଣାଇଛନ୍ତି। ବିଡିଓ ବିନୋଦ ବିହାରୀ ବେହେରା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ମିଶ୍ର, ଏବିଇଓ ଶ୍ରୀ ସାହୁ ଗ୍ରାମକୁ ଯାଇ ସ୍କୁଲର ସ୍ଥିତି ଅନୁଧ୍ୟାନ କରି ଫେରିଥିବା ଜଣାପଡିଛି। କେବଳ ଦେଖିବାକୁ ବାକିରହିଲା କେବେ ଖୋଲିବ ନୂଆ କୁମୁରସିଙ୍ଗା ପ୍ରାଥମିକ ବିଦ୍ୟାଳୟ।

## କଲେଜ ବସ୍‌ରେ ଲାଗିଲା ନିଆଁ




- ଅଳ୍ପକେ ବର୍ତ୍ତିଲେ ଛାତ୍ର ଓ ଚାଳକ

**ଅନୁଗୋଳ, ୪।୭ (ସମିସ):** ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ କମଲେଶ ହୋଟେଲ ସମ୍ମୁଖରେ ଏକ ଚଳନ୍ତା ଘରୋଇ କଲେଜ ବସରେ ହଠାତ ନିଆଁ ଲାଗିଯାଇଥିଲା। ହେଲେ ଏଥିରୁ ଅଳ୍ପକେ ବର୍ତ୍ତିଯାଇଥିଲେ ସେଥିରେ ବସିଥିବା କିଛି ଛାତ୍ର ଓ ବସର ଚାଳକ। ଘଟଣାରୁ ପ୍ରକାଶ ଯେ, ଗୁରୁବାର ଦିନ ଗୋଟାଏ ବେଳେ ଛେଳିଆପଡ଼ା ଠାରେ ଥିବା ବିନାୟକ ସାଇନ୍ସ କଲେଜର ଏକ ବସ କଲେଜର କେତେକ ଛାତ୍ରଙ୍କୁ ନେଇ ଯାଉଥିବା ବେଳେ ରାଧାରମଣ ପଡ଼ା ସମ୍ମୁଖ କମଲେଶ ହୋଟେଲ ନିକଟରେ ଉକ୍ତ ବସଟିରେ ହଠାତ ନିଆଁ ଲାଗିଯାଇଥିଲା। ଏହା ଦେଖି ବସ୍ ଚାଳକ ବସଟିକୁ ସଂଗେ ସଂଗେ ସେଠାରେ ଠିଆ କରିଦେବା ସହ ବସରୁ ଓହ୍ଲାଇ ପଡ଼ି ସେଥିରେ ବସିଥିବା ଛାତ୍ରମାନଙ୍କୁ ବାହାରକୁ ବାହାର କରିଦେଇଥିଲେ। ଫଳରେ ସେମାନେ ଏକ ବଡ଼ ବିପଦରୁ ସେମାନେ ଅଳ୍ପକେ ବର୍ତ୍ତିଯାଇଥିଲେ। କିନ୍ତୁ ବସଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। କିନ୍ତୁ ବସରେ କେମିତି ନିଆଁ ଲାଗିଲା, ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ।

### ଶୈଳ ଶ୍ରୀକ୍ଷେତ୍ର ରଥଯାତ୍ରା ନୀତି ନିର୍ଘଣ୍ଟ ଚୂଡ଼ାନ୍ତ

## ଅପରାହ୍ଣ ୨ଟା ୩୦ରେ ରଥଟଣା ଆରମ୍ଭ

**ଅନୁଗୋଳ,୪।୭ (ସମିସ):** ଅନୁଗୋଳ ଶୈଳ ଶ୍ରୀକ୍ଷେତ୍ର ରଥଯାତ୍ରା ୨୦୨୪ର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଯାଇଛି। ଏଥିନେଇ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ରଥଯାତ୍ରା ଠାରୁ ସୁନାବେଶ ତଥା ନୀଳାଦ୍ରି ବିଜୟ ପର୍ଯ୍ୟନ୍ତ ସମସ୍ତ ନୀତି ନିର୍ଘଣ୍ଟ ପ୍ରକାଶ କରାଯାଇଛି। ମିଳିଥିବା ସୂଚନା ମୁତାବକ ୭ ତାରିଖ ରବିବାର ବଡ଼ିଭୋର ସମୟରୁ ଦ୍ୱାର ଫିଟା, ମଙ୍ଗଳ ଆଳତି, ସେନାପଟା ଲାଗି, ଅବକାଶ ନୀତି, ରୋଷ ହୋମ ଆଦି ସରିବା ପରେ ସାଢ଼େ ୫ଟା ସମୟରେ ବେଶ ଲାଗି, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗରୁଡ଼ ପୂଜା, ବାଳ ଧୂପ ଲାଗି ଆଦି ଅନୁଷ୍ଠିତ ହେବ। ସକାଳ ସାଢ଼େ ୭ଟା ସମୟରେ ରଥ ପ୍ରତିଷ୍ଠା ଓ ଚାରମାଳ ଲାଗି ହେବ। ୮ଟା ବେଳେ ଶ୍ରୀ ଜୀଉମାନଙ୍କର ମଙ୍ଗଳାର୍ପଣ ନୀତି ପରେ ସକାଳ ୯ଟା ସମୟରେ ପହଣ୍ଡି, ରଥାରୂଢ଼ ବେଶ ଲାଗି ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୧ଟା ସମୟରେ ମଦନମୋହନ ରଥକୁ ବିଜେ କରିବେ। ଅପରାହ୍ନ ୧୨ଟାରେ ଛେରା ପହଁରା, ଚାରମାଳ ଉଲାଗୀ ଏବଂ ସାରଥୀଯୋଚା ଯିବ। ଅପରାହ୍ନ



୨:୩୦ ମିନିଟରେ ରଥ ଟଣା ଆରମ୍ଭ ହେବ। ସନ୍ଧ୍ୟା ୬:୩୦ ସୁଦ୍ଧା ରଥ ଗୁଡ଼ିକ ଶ୍ରୀ ଗୁଣ୍ଡିଚା ଚକଡ଼ାରେପ୍ରବେଶ କରିବ। ୮ ତାରିଖ ସୋମବାର ଅପରାହ୍ନ ୫ଟା ସମୟରେ ଶ୍ରୀ ଜିଉମାନଙ୍କ ରଥାବତରଣ ଓ ଗୋଟି ପହଣ୍ଡିରେ ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିବେ। ୧୧ ତାରିଖରେ ହେରା ପଞ୍ଚମୀ, ୧୩ ତାରିଖରେ ପର୍ଣ୍ଣରାଷ୍ଟମି ଅନୁଷ୍ଠିତ ହେବ। ସେହିପରି ୧୫ ତାରିଖରେ ବାହୁଡ଼ା ଯାତ୍ରା ଏବଂ ୧୭ ତାରିଖରେ ସୁନା ବେଶ ଅନୁଷ୍ଠିତ ହେବ। ୧୮ ତାରିଖ ଦିନ ସନ୍ଧ୍ୟାରେ ନୀଳାଦ୍ରି ବିଜୟ ଆୟୋଜିତ ହେବ। ରଥ ଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ ମନ୍ଦିର କମିଟି ପକ୍ଷରୁ ପରିମଳ, ଆଲୋକ, ପିଇବା ପାଣି ଏବଂ ସୁରକ୍ଷା ବ୍ୟବସ୍ଥାର ବ୍ୟାପକ ଆୟୋଜନ କରାଯାଇଛି। ଶ୍ରୀ ଗୁଣ୍ଡିଚା ମନ୍ଦିରରେ ୮ ତାରିଖରୁ ୧୪ ତାରିଖ ଏବଂ ସିଂହ ଦ୍ୱାରନିକଟରେ ୧୫ ରୁ ୧୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ଦିର ପରିଚାଳନ କମିଟିର ଉପସଭାପତି ଭବାନୀ ପ୍ରସାଦ ମିଶ୍ର, ସମ୍ପାଦକ ହେମନ୍ତ କୁମାର ଦାସ, ସହସମ୍ପାଦକ ଆନନ୍ଦ ଚନ୍ଦ୍ର ମହାପାତ୍ର, ପଦ୍ମଚରଣ ପ୍ରଧାନ ଓ ଜିଲ୍ଲା ଲୋକସମ୍ପର୍କ ଅଧିକାରୀ କେ. ଶ୍ରବଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କୁଲ କଲେଜ ମାନୁନାହାନ୍ତି ସଡ଼କ ସୁରକ୍ଷା ଆଇନ

**ଅନୁଗୋଳ,୪।୭ (ସମିସ):** ସ୍କୁଲ କଲେଜର ଛାତ୍ରଛାତ୍ରୀ ଆଜିକାଲି ଅନେକ ବସ୍ ରେ ଯାତାୟାତ କରୁଛନ୍ତି। ପିଲାଙ୍କ ସୁରକ୍ଷା ପାଇଁ ରାଜ୍ୟ ସଡ଼କ ପରିବହନ ବିଭାଗ ସ୍କୁଲ ଓ କଲେଜ୍ ବସ୍ ପାଇଁ କେତେକ ଆଇନ ପ୍ରଣୟନ କରିଛନ୍ତି, କିନ୍ତୁ ଅଧିକାଂଶ ସ୍କୁଲ କଲେଜ୍ ବସ୍ ସେଗୁଡିକୁ ମାନୁ ନାହାନ୍ତି। ବସ୍ ରେ ଜରୁରୀକାଳୀନ ଡୋର, ଫାଷ୍ଟ ଏଡ୍ ବାକ୍ସ, ଏବିସି ଟାଇପ ଏବଂ ଦୁଇ କେଜି କ୍ଷମତା ବିଶିଷ୍ଟ ଦୁଇଗୋଟି ଅଗ୍ନି ନିର୍ବାପକ ଯନ୍ତ୍ର ଆଦି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଅଧିକାଂଶ ସ୍କୁଲ କଲେଜ୍ ବସ୍ ରେ ଏସବୁ ଦେଖିବାକୁ ମିଳୁନାହିଁ। ଆଜି ଟାମଡ଼ା କଲୋନୀ ନିକଟରେ ଯେଉଁ ବିନାୟକ ବିଜ୍ଞାନ କଲେଜ୍ ର ବସ୍ ଜଳିଗଲା, ଯଦି ଅଗ୍ନି ନିର୍ବାପକ ଯନ୍ତ୍ର ଥାଆନ୍ତା ତେବେ ନିଆଁ ଏତେ ପ୍ରବଳ ଧରି ନ ଥାନ୍ତା। ଯେ ଯାହାହେଉ, ଆରୋହୀ ଛାତ୍ରଛାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

## ଶିକ୍ଷକ ଶାନ୍ତନୁ କୁମାର ସାହୁଙ୍କ ୭୦ତମ ରକ୍ତଦାନ

**ତାଳଚେର ସଦର, ୪।୭ (ସମିସ):** ତାଳଚେରର ସର୍ବାଧିକ ରକ୍ତଦାତା ଶାନ୍ତନୁ କୁମାର ସାହୁ ତାଳଚେର ରକ୍ତଭଣ୍ଡାର ଠାରେ ବୁଧବାର ତାଙ୍କର ୭୦ତମ ରକ୍ତଦାନ କରିଛନ୍ତି। ଶ୍ରୀ ସାହୁ ପେସାରେ ଜଣେ ଶିକ୍ଷକ ଅଟନ୍ତି। ସେ କଙ୍କିଳି ଗ୍ରାମ ସ୍ଥିତ ପ୍ରଭାକର ନୋଡାଲ ଉ.ପ୍ରା ସ୍କୁଲରେ ଶିକ୍ଷକତା କରି ଆସୁଛନ୍ତି। ଏଥିସହିତ ଶ୍ରୀ ସାହୁ ଜନସେବାରେ ବ୍ରତୀ ହୋଇ ନିୟମିତ ରକ୍ତଦାନ କରି ବହୁ ଅମୂଲ୍ୟ ଜୀବନ ରକ୍ଷା କରିଛନ୍ତି। ତାଙ୍କର ବ୍ଲଡ୍ ଗ୍ରୁପ 'ଏବି ପଜିଟିଭ୍' ଅଟେ। ଏହି ମହତ କାର୍ଯ୍ୟ ପାଇଁ ଶ୍ରୀ ସାହୁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହେବା ସହ ବିଭିନ୍ନ କଲେଜରେ ଛାତ୍ରଛାତ୍ରୀମାନଙ୍କୁ ରକ୍ତଦାନର ଆବଶ୍ୟକତା ଉପରେ ଆଲୋଚନା କରି ସେମାନଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥାନ୍ତି। ଶ୍ରୀ ସାହୁଙ୍କ ୭୦ତମ ରକ୍ତଦାନ ସମୟରେ ତାଳଚେର ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସଞ୍ଜୟ ପ୍ରଧାନ, ବିଆରସିସି ସରୋଜ କୁମାର ପାଣି ଏବଂ ରକ୍ତଭଣ୍ଡାରର ଅଧିକାରୀ ଡା. ଅରବିନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ସାହୁଙ୍କ ଏଭଳି ମହତ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ।

## ମୃତ୍ୟୁଯନ୍ତା ସାଜିଛି ଘରୋଇ ଶିକ୍ଷାନୁଷ୍ଠାନ, ନର୍ସିଂହୋମ୍ ଓ ସପିଙ୍ଗ୍ ମଲ୍

ତାଳଚେର ସଦର, ୪।୭ (ସମିସ)

ତାଳଚେର ଅଞ୍ଚଳରେ ଥିବା ମାଳମାଳ ଘରୋଇ ଶିକ୍ଷାନୁଷ୍ଠାନ, ସପିଙ୍ଗ ମଲ ଏବଂ ନର୍ସିଂ ହୋମ ଗୁଡିକରେ ନାହିଁ ଅଗ୍ନି ନିରାପଦା ବ୍ୟବସ୍ଥା। ସରକାରୀ ନିୟମ ଅନୁସାରେ ବଡ଼ବଡ଼ ସପିଙ୍ଗ ମଲ୍ ଓ ନର୍ସିଂହୋମ, ଘରୋଇ କୋଚିଂ ସେଣ୍ଟର୍, ଛାତ୍ର ଛାତ୍ରୀ ହଷ୍ଟେଲ ଆଦି ଚାଲୁକରିବା ପୂର୍ବରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା କଥା। କିନ୍ତୁ ତାଳଚେରରେ ଥିବା ଘରୋଇ ଶିକ୍ଷାନୁଷ୍ଠାନ ସପିଙ୍ଗ ମଲ୍ ଏବଂ ନର୍ସିଂ ହୋମ ମାଲିକ ମାନେ ଏହାକୁ ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳୁଛି। ଘରୋଇ କୋଚିଂ ସେଣ୍ଟର ଖୋଲି ଶିକ୍ଷାଦାନ ସାଙ୍ଗକୁ ଛାତ୍ରଛାତ୍ରୀଙ୍କୁ ରଖି ହଷ୍ଟେଲ ଚଳାଇ ଥିବାବେଳେ ସେମାଙ୍କ ପାଖରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବାରୁ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ରହୁଛି। ତାଳଚେର ସହରରେ ଅଧିକାଂଶ ସପିଙ୍ଗ ମଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଦେଖିବାକୁ

- ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

ମିଳୁନାହିଁ। ରାସ୍ତାକଡ଼ରେ ସପିଙ୍ଗ ମଲ ଥିବାରୁ ଗ୍ରାହକମାନେ ରାସ୍ତା କଡ଼ରେ ଗାଡ଼ି ରଖିଦେଇ ସପିଙ୍ଗ କରିବାକୁ ଯାଉଛନ୍ତି। ଫଳରେ ଅଧିକାଂଶ ସମୟରେ ଏହି କାରଣରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ସେହିପରି ତାଳଚେର ଅଞ୍ଚଳରେ କେତେକ ଘରୋଇ ନର୍ସିଂ ହୋମ ଗୁଡିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯାଇନାହିଁ। ଏ ବିଷୟରେ ଅଗ୍ନି ନିରାପତ୍ତା ଅଧିକାରୀ ଶ୍ରୀ ବେହେରା କହିଛନ୍ତି ଯେ, ଆମଠୁ କୌଣସି କୋଚିଂ ସେଣ୍ଟର ମାଲିକ ଅଗ୍ନି ନିରାପତ୍ତା ପାଇଁ ଆବେଦନ କରିନାହାନ୍ତି କି ଆମେ କୌଣସି ଶିକ୍ଷା ଦାନକରି ରହୁଥିବା ହଷ୍ଟେଲ ଗୁଡିକୁ ଦେଇନୁ। ସେମାନଙ୍କୁ ନୋଟିସ କରାଯାଇଛି। ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଏଦିଗରେ ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଶଙ୍କରାଚାର୍ଯ୍ୟଙ୍କ ଜନ୍ମ ମହୋତ୍ସବ ପାଳିତ

**ଅନୁଗୋଳ, ୪।୭ (ସମିସ):** ଅନୁଗୋଳ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ପକ୍ଷରୁ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ମହାଭାଗଙ୍କ ୮୨ ତମ ପ୍ରାକଟ୍ୟ ଦିବସ ତଥା ଜନ୍ମ ମହୋତ୍ସବ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ କାଶୀ ବିଶ୍ୱନାଥଙ୍କଠାରେ ଜଳାଭିଷେକ କରାଯାଇ ଗୁରୁଜୀଙ୍କ ଦୀର୍ଘ ଓ ନିରାମୟ ଜୀବନ



କାମନା କରାଯାଇଥିଲା। ପରେ ଗୁରୁ ପୂଜନ ଓ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସପ୍ତବାର ହନୁମାନ ଚାଳିଶା ପାଠ କରାଯିବା ସହିତ ଗୁରୁଜୀଙ୍କ ଜୀବନଚର୍ଯ୍ୟା ଓ ମହିମା ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନ ଅନୁଯାୟୀ ପ୍ରତ୍ୟେକ ସତସଙ୍ଗୀ ଦିନକୁ ୧ ଘଣ୍ଟା ଓ ୧ ଟଙ୍କା ସମାଜର କଲ୍ୟାଣ ନିମନ୍ତେ ପ୍ରଦାନ କରିବା ଉଚିତ୍। ଫଳରେ ଭଗବତ ପ୍ରେମ ଜାଗ୍ରତ ହେବା ସହ ସାମାଜିକ ଦାୟିତ୍ୱବୋଧ ଉଦ୍ରେକ ହୋଇଥାଏ ବୋଲି ସତସଙ୍ଗରେ ଆଲୋଚନା ହୋଇଥିଲା। ପରେ କଲେଜପଡ଼ା ବିଦ୍ୟାଳୟ ପରିସରରେ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ଆଦିତ୍ୟ ବାହିନୀର ସଭାପତି ଲଳିତ ମୋହନ ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଡିକିଭାଙ୍ଗି ୮୦ ହଜାର ଟଙ୍କା ଲୁଟ୍

**ତାଳଚେର ସଦର, ୪।୭ (ସମିସ):** ତାଳଚେର ଟାଉନ ଦେଉଳବେଡ଼ା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖାରୁ ଗୋପାଳପ୍ରସାଦ ଅଞ୍ଚଳର ଚୈତନ୍ୟ ବେହେରା (୫୬) ୮୦ ହଜାର ଟଙ୍କା ଉଠାଇ ତାଙ୍କ ବାଇକ୍ ଡିକିରେ ରଖିଥିଲେ। ଏହାପରେ ଶ୍ରୀ ବେହେରା ସେହି ନିକଟସ୍ଥ ଶିଶୁମନ୍ଦିରକୁ ତାଙ୍କ ନାତି ପାଇଁ ବହି ଆଣିବାକୁ ଯାଇଥିଲେ। ଫେରି ଦେଖନ୍ତି ତ, ବାଇକ୍ ଡିକି ଭଙ୍ଗା ହୋଇଥିବା ସହ କୌଣସି ଦୁର୍ବୃତ୍ତ ୮୦ହଜାର ଟଙ୍କା ନେଇ ଚମ୍ପଟ ମାରିଥିଲା। ଏହି ଘଟଣା ସେ ବ୍ୟାଙ୍କକୁ ଜଣାଇବା ସହ କୋଲିୟରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା ଜାରି ରଖିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସମ୍ପୃକ୍ତ ଲୁଟେରାର ଟେର୍ ପାଇନି ପୁଲିସ୍।

## ଗୋ ହତ୍ୟା ଅଭିଯୋଗରେ ୨ ଅଟକ

**ଛେଣ୍ଡିପଦା, ୪।୭ (ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ବ୍ରାହ୍ମଣବିଲ ଗାଁରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ଗତ ବୁଧବାର ଗୋ ମାଂସ ଖାଇବା ପାଇଁ ଏକ ଗାଈକୁ ପିଟିପିଟି ମାରି ଦେଇଥିବା ଅଭିଯୋଗ ହୋଇଛି। ଗୋହତ୍ୟାକାରୀ ୨ ଜଣ ଯୁବକ ହେଲେ ଖ୍ରୀଷ୍ଟଧର୍ମର ଲୋକ। ସ୍ଥାନୀୟ ଗ୍ରାମବାସୀ ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ୨ଜଣ ଯୁବକଙ୍କୁ ଥାନାରେ ଅଟକ ରଖିଛି ଛେଣ୍ଡିପଦା ପୁଲିସ୍। ଅଟକ ଯୁବକ ୨ଜଣ ହେଲେ ଅର୍ଜୁନ ଗୋଛାୟତ ଓ ଲେମ୍ବୁ ଗୋଛାୟତ ବୋଲି ଜଣାପଡିଛି। ଘଟଣାସ୍ଥଳରେ ପୁଲିସ ଓ ପ୍ରାଣୀ ଚିକିତ୍ସକ ପହଞ୍ଚି ଛାନଭିନ୍ ଆରମ୍ଭ କରିବା ସହ ଉଭୟଙ୍କୁ ଥାନାରେ ଅଟକ ରଖାଯାଇଛି।

### ବନମହୋତ୍ସବରେ ମା'ଙ୍କ ନାମରେ ବୃକ୍ଷରୋପଣ

## ମା' ଲକ୍ଷ୍ମୀ ଏସ୍‌ଏଚ୍‌ଜି ସଂଘ ପକ୍ଷରୁ ବିଭିନ୍ନ ଔଷଧୀୟ ବୃକ୍ଷରୋପଣ

କଣିହାଁ / ଡେରଙ୍ଗ, ୪।୭ (ସମିସ)




କଣିହାଁ ବନାଞ୍ଚଳ ଡେରଙ୍ଗ ପଞ୍ଚାୟତ ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଡେରଙ୍ଗ ବିଟ୍ ର ବନପାଳ ଜଲି ଦେହୁରୀ ଓ କବିତା ପ୍ରଧାନଙ୍କ ନେତୃତ୍ୱରେ ୭୫ ତମ ବନମହୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡେରଙ୍ଗର ମା' ଲକ୍ଷ୍ମୀ ଏସଏଚଜି ସଂଘ ପକ୍ଷରୁ, ମା'ଙ୍କ ନାମରେ ଡେରଙ୍ଗ କାଳୀ ମନ୍ଦିର ପଡ଼ିଆରେ ଓ ଘଣ୍ଟିଆନାଳୀ ୟୁପି ସ୍କୁଲ ପ୍ରାଙ୍ଗଣରେ ବିଭିନ୍ନ ପ୍ରକାର ଔଷଧୀୟ ଗଛ ସହିତ ଫଳଗଛ ଜାମୁକୋଳି, ପେସ୍ତାବାଦାମ, ଅଁଳା, ବାହାଡ଼ା, ହରିଡ଼ା, କଦମ୍ବ, ଚାଖୁଣ୍ଡା ଅନ୍ୟାନ୍ୟ ବୃକ୍ଷର ଚାରାରୋପଣ ହୋଇଥିଲା। ମହିଳା ସଂଘର ସଭା ନେତ୍ରୀ ନିର୍ମଳା ପରିଡ଼ାଙ୍କ ସହିତ ସମସ୍ତ କାର୍ଯ୍ୟକର୍ତ୍ତା ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ମାନବ ସମାଜ ପାଇଁ ଅମ୍ଳଜାନ ଆବଶ୍ୟକ ବୋଲି ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏଥିରେ ଅତିଥି ଭାବେ ଡେରଙ୍ଗ ପଞ୍ଚାୟତ ସରପଞ୍ଚ ସଂଯୁକ୍ତା ବେହେରାଙ୍କ ସହିତ ଡେରଙ୍ଗର ମାଆ ଲକ୍ଷ୍ମୀ ଏସଏଚଜି ଗ୍ରୁପର ସଦସ୍ୟମାନେ, ମା'ଙ୍କ ନାମରେ ଗଛଟିଏ ଲଗାଇବା ପାଇଁ ଲୋକମାନଙ୍କୁ ବୁଝାଇ କହିଥିଲେ। ଏଥିରେ ଗ୍ରୁପର ସଦସ୍ୟ ଉତ୍ତମ ବେହେରା, ସିଲା ସାହୁ, ବଚନ ସାହୁ, ଅଶାନ୍ତି ସାହୁ, ସୁଶୀଳା ବେହେରା, ସରସ୍ୱତୀ ସାହୁ, ତଥା ସାମାଜିକ କର୍ମୀ, ଇନ୍ଦ୍ରମଣୀ ସାହୁ, ଅର୍ଜୁନ ସାହୁ, ବସନ୍ତ ସାହୁ, ଘଣ୍ଟିଆନଳୀ ୟୁପି ସ୍କୁଲର ସମସ୍ତ ଶିକ୍ଷକ ସାମିଲ ହୋଇ ସହଯୋଗ କରିଥିଲେ।

## ରଣିଆକଟା ହାଇସ୍କୁଲ ଓ ଆଦର୍ଶ ବିଦ୍ୟାଳୟରେ ବନମହୋତ୍ସବ କାର୍ଯ୍ୟକ୍ରମ

**କିଶୋରନଗର, ୪।୭ (ସମିସ):** ଆଜି ମାଧପୁର ବନାଞ୍ଚଳ ଆଠମଲ୍ଲିକ ବନଖଣ୍ଡ ତରଫରୁ ୭୫ ତମ ବନମହୋତ୍ସବ ଦୁଇଗୋଟି ବିଦ୍ୟାଳୟରେ ପାଳନ କରାଗଲା। ଉକ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଆଦିବାସୀ ଉଚ୍ଚ ବିଦ୍ୟାଳୟ ରଣିଆକଟାର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଚାରାରୋପଣ କାର୍ଯ୍ୟକ୍ରମ କରିଛନ୍ତି। ମାଧପୁର ବନାଞ୍ଚଳ ଅଧିକାରୀ ବିଜୟ କୁମାର ସାହୁ ଛାତ୍ରଛାତ୍ରୀମାନେଙ୍କୁ ଚରରୋପଣ କରିବା ପାଇଁ ଉତ୍ସାହ କରିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀ ପାଞ୍ଚଟି ଚାରାରୋପଣ ପାଇଁ କହିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷା ଶ୍ରଦ୍ଧାଞ୍ଜଳି ପାଣିଗ୍ରାହୀ, ବିଦ୍ୟବିଜୟିନୀ, ଜିତେନ୍ଦ୍ର ରେଡ଼ି, ସଞ୍ଜୟ ବିହାର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତି ଥିଲେ। ଆଦିବାସୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଜୟିନୀ ସାହୁ ଶିକ୍ଷୟିତ୍ରୀ ମିତାଲି ସାହୁ, ଦେବଦତ୍ତ ମହାପାତ୍ର, ରୁଦ୍ରମୋହନ୍ ମାଝୀ, ସୁରେଶ କୁମାର ବର୍ଗେ ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତି ଥିଲେ।। ମାଧପୁର ବନ୍ୟାଞ୍ଚଳ କର୍ମକର୍ତ୍ତା ସଂଯୋଜକ ଦେବାନନ୍ଦ ନାୟକ, ସଂଯୋଜିକ ତନୁଶ୍ରୀ ବାଘର, ସହଯୋଗୀ ସଂସ୍ଥା ଦଳପତି ଅମରେଶ ପ୍ରସାଦ ଦାସ (ବିଶ୍ୱ ଯୁବ କେନ୍ଦ୍ର) ବନପାଳ ରମାକାନ୍ତ ସାହୁ ଓ ବନରକ୍ଷୀ କବିତା ସାହୁଙ୍କ ସହଯୋଗରେ ସଫଳ ହୋଇଛି।



### ପରିବେଶ ସୁରକ୍ଷା ପାଇଁ ଗଛକଟା ବନ୍ଦ ହେଉ

# ବଜ୍ରପାତରୁ ରକ୍ଷା ପାଇଁ ତାଳଗଛ ଲଗାଇବାକୁ ଆହ୍ୱାନ

ଡେରାବିଶ, ୪।୭ (ସମିସ)

ଉପକୂଳ କେନ୍ଦ୍ରାପଡ଼ା ଜିଲ୍ଲାରେ ପରିବେଶ ସୁରକ୍ଷା ନିମନ୍ତେ ବହୁ ସଂଖ୍ୟାରେ ଗଛ ଲଗାଇବାର ଆବଶ୍ୟକତା ରହିଛି। ଏଥିସହିତ ବଜ୍ରପାତରୁ ଜୀବଜଗତକୁ ସୁରକ୍ଷା ଦେବାପାଇଁ ବିଭିନ୍ନ ରାସ୍ତାକଡ଼, ବିଲ ହିଡ଼ ଓ ଜନବସତି ପାଖାପାଖି ବହୁ ସଂଖ୍ୟାରେ ତାଳ ଗଛ ଲଗାଇବା ପାଇଁ ପରିବେଶବିତ୍‌ମାନେ ଦାବି କରିଛନ୍ତି। ଗତକିଛି ଦିନ ଧରି ବଜ୍ରପାତରେ ଅକାଳରେ ବହୁ ଲୋକଙ୍କ ପ୍ରାଣହାନୀ ଘଟିବାକୁ ଲକ୍ଷ୍ୟ କରି ସରକାରଙ୍କ ପକ୍ଷରୁ ପ୍ରଚୁର ପରିମାଣରେ ତାଳଗଛ ଲଗାଇବା ଉପରେ ଗୁରୁତ୍ୱ ଦେବା ସହ ତାଳଗଛ କାଟିବା ଉପରେ କଟକଣା ଜାରି କରିଛନ୍ତି।

ଅନ୍ୟପକ୍ଷରେ ଅବାଧ ଓ ବେଆଇନଭାବେ ହେଉଥିବା ଗଛକଟାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଥିବା ପ୍ରକୃତିବନ୍ଧୁ ଭଳି କିଛି ବ୍ୟକ୍ତି ବିଶେଷ ଓ ପ୍ରକୃତି ମିତ୍ର ଭଳି କିଛି ଅନୁଷ୍ଠାନ ଯାହାଙ୍କ ସଂଖ୍ୟା ହାତଗଣତି ମଧ୍ୟରେ ସିମିତ ରହିଥିବା ବେଳେ ଗଛ କାଟୁଥିବା ଲୋକଙ୍କ ସଂଖ୍ୟା ଶହଶହ ରହିଛି। ତେବେ ଏହି ଗଛକଟାଳି ମାନଙ୍କୁ ପ୍ରଶାସନ ପରୋକ୍ଷରେ ପ୍ରୋତ୍ସାହନ ଦେଲାଭଳି କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁର ଠାରେ ୨୫ରୁ



ଉର୍ଦ୍ଧ୍ୱ କରତକଳ ସ୍ଥାପନକୁ ସ୍ୱିକୃତି ପ୍ରଦାନ କରିଛନ୍ତି। କାଠ ମାଫିଆମାନେ ରାଜ୍ୟ ସରକାର ତଥା ବନବିଭାଗଙ୍କ ବିନା ଅନୁମତିରେ ବହୁ ଗଛ ବେଆଇନ ଭାବେ କାଟିବା, ସରକାରଙ୍କ ବିଭିନ୍ନ ପ୍ରକଳ୍ପ ନିମନ୍ତେ ଗଛ କାଟିବା ଭଳି କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି। ତେବେ ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ କଣିପଡ଼ା (ଡଗରପଡ଼ିଆ) ଠାରେ ବଳଦେବଜୀଉ ବନପ୍ରକଳ୍ପ ନାମରେ ଏକ ଜଙ୍ଗଲ ସୃଷ୍ଟି କରି ବଳଦେବଜୀଉଙ୍କ ରଥ ନିମନ୍ତେ କାଠ ଯୋଗାଇ ଆସୁଥିବା ପ୍ରକୃତିମିତ୍ର ପୁରସ୍କାର ପାଇଥିବା ଜୟଭାରତୀ ସାଥୀ ସମାଜର ପ୍ରତିଷ୍ଠାତା ନିରଞ୍ଜନ ସାହୁ କହିଛନ୍ତି ଜୀବଜଗତକୁ ସୁରକ୍ଷା ଦେବାକୁ ଗଛ କାଟିବା ସମ୍ପୂର୍ଣ୍ଣରୂପେ ବନ୍ଦ କରିବା ସହିତ ପ୍ରଚୁର ପରିମାଣରେ ଗଛ ଲଗାଇବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଗତ ତିନିବର୍ଷ ହେବ ଲୁଣାନଦୀ ବନ୍ଧ ଓ ବିଭିନ୍ନ ଶ୍ମଶାନରେ ତାଳଗଛ ଲଗାଉଥିବା ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ଜେନାମଣି ବଳ କେନ୍ଦ୍ରାପଡ଼ା ଜିଲ୍ଲାରୁ ବେଆଇନ ଗଛକଟା ବନ୍ଦ କରିବା ପାଇଁ ଦାବି କରିଛନ୍ତି।

ଏଥିସହିତ ବଜ୍ରପାତକୁ ରୋକିବା ପାଇଁ ପ୍ରଚୁର ପରିମାଣରେ ତାଳଗଛ ଲଗାଇବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ପୂର୍ବ କାଳରୁ ଗାଁ ଗହଳି, ବିଲ, ଡୋଟା, ବାଡ଼ିବଗିଚାରେ ବହୁ ପରିମାଣରେ ତାଳଗଛ ଦେଖିବାକୁ ମିଳୁଥିଲା। କାଳକ୍ରମେ ଏହାର ବିଲୋପ ହେବା ଅବସ୍ଥାକୁ ଆସିଯାଇଛି। କିନ୍ତୁ ବହୁ ବିଳମ୍ବରେ ତାଳଗଛ ଯେ କେତେ ଉପକାରୀ ଏହାର ହୃଦ୍‌ବୋଧ କରି ବର୍ତ୍ତମାନ ତାଳଗଛ କାଟିବା ଉପରେ ରୋକ ଲଗାଯାଇଛି। ଅତୀତରେ ତାଳଗଛ ମଣିଷ ସମାଜ ପାଇଁ ଅତ୍ୟନ୍ତ ଉପକାରୀ ଓ ତାଳଗଛର କାଠ ମଧ୍ୟ ସାଧାରଣ ଲୋକଙ୍କ ପାଇଁ ବହୁ ଉପକାରରେ ଆସୁଥିଲା। ତାଳ ପତ୍ରରେ ପକ୍ଷିଆ କରାଯାଇ ଚାଷୀ ମୁଣ୍ଡରେ ଦେଇ ବିଲରେ ଚାଷବାସ କାମ କରୁଥିଲା। ଖାଲି ସେତିକି ନୁହେଁ ତାଳପତ୍ରରେ କୋଷ୍ଠି ଲେଖାଯାଉଥିଲା। ପୋଥି ମଧ୍ୟ ଲିଖନ କରି ସାଇତି ରଖାଯାଉଥିଲା। ତେଣୁ ତାଳପତ୍ର କେତେ ଉପକାରୀ ତାହା ସ୍ପଷ୍ଟରୂପେ ଅନୁମେୟ। ତାଳବାହୁଙ୍ଗାର କୋରଟ, ଛାତୁଣି ପହଁରା ବାନ୍ଧିବାରେ କାମରେ ଆସିବା ସହିତ ଝୁଡ଼ି ଟୋକେଇ ମରାମତିରେ ମଧ୍ୟ ବ୍ୟବହାର ହେଉଥିଲା। ଚାଳଘର କଲାବେଳେ ତାଳଗଛ କଟାଯାଇ ଘର ତିଆରି କରାଯାଉଥିଲା। ଏହା ବାଦ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିଲା ବଜ୍ରପାତକୁ ରୋକିବା। ବିଲ ମଝିରେ ବିଭିନ୍ନ ସ୍ଥାନରେ ତାଳଗଛ ରହିବା ଦ୍ୱାରା ବଜ୍ରପାତକୁ ଅଟକାଉଥିଲା। ଫଳରେ ଚାଷୀମାନେ ନିରାପଦରେ ବେଉଷଣ କାମ କରୁଥିଲେ। ବହୁମୂଲ୍ୟ ଜୀବନକୁ ନିରାପତ୍ତା ଯୋଗାଇବାରେ ତାଳଗଛ ବଡ଼ ଉପକାର କାମ କରି ଆସୁଥିଲା। ଏଥିସହିତ ତାଳଗଛର ଚେର ମାଟିକୁ ବାନ୍ଧି ରଖିପାରୁଥିବା କାରଣରୁ ନଦୀବନ୍ଧକୁ ସୁଦୃଢ଼ କରିବା ପାଇଁ ଓ ବଜ୍ରପାତ ଭଳି ଦୁର୍ଘଟଣା ରୋକି ଧନଜୀବନ ବଞ୍ଚାଉଥିବା କାରଣରୁ ତାଳଗଛକୁ ଲଗାଇବା ଜରୁରୀ ବୋଲି ଶ୍ରୀ ବଳ ପ୍ରକାଶ କରିଛନ୍ତି।

## ତୁଳସୀ ପରିବେଶ ସୁରକ୍ଷା ପରିଷଦ ପକ୍ଷରୁ ବନ ମହୋତ୍ସବ



ଗରଦପୁର, ୪।୭ (ସମିସ): ଗରଦପୁର ବ୍ଲକ ଅନ୍ତର୍ଗତ ଅନନ୍ତ ତୁଳସୀ ପରିବେଶ ସୁରକ୍ଷା ପରିଷଦ ପକ୍ଷରୁ ବନମହୋତ୍ସବ ଗରଦପୁର ଗ୍ରାମର ଶ୍ରୀ ଶ୍ରୀ ବଣୁଆ ମହାଦେବଙ୍କ ପବିତ୍ର ପୀଠରେ ପାଳନ କରାଯାଇଛି।

ଉକ୍ତ ଉତ୍ସବରେ ପରିଷଦର ଅଧ୍ୟକ୍ଷ ପ୍ରକୃତି ବନ୍ଧୁ ଦ୍ୱାରିକା ନାଥ ସେନାପତିଙ୍କ ନେତୃତ୍ୱରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗରଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବର୍ତ୍ତମାନର ପରିବେଶରେ ମଣିଷ ବଞ୍ଚିବା ପାଇଁ ବ୍ୟାପକ ବୃକ୍ଷ ରୋପଣର ଆବଶ୍ୟକତା ଅଛି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଗଗନ ବିହାରୀ ସ୍ୱାଇଁ ବିଶ୍ୱ ତାପନ ଓ ବୃକ୍ଷ ରୋପଣ ଉପରେ ଆଲୋଚନା କରିଥିଲେ।ପ୍ରକୃତି ପ୍ରେମୀ ଶିକ୍ଷକ ବିମଳ ପ୍ରସାଦ ଜେନା, ସମାଜସେବୀ ନବାବ କୁମାର ପଣ୍ଡା, ଅନାମ ଚରଣ ପଣ୍ଡା, ଉମାକାନ୍ତ ପାଣି, ପ୍ରସନ୍ନ କୁମାର ମଲ୍ଲିକ, ଦିଲ୍ଲୀପ କୁମାର ଦାଶ, ଦୈତାରୀ ପଣ୍ଡା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ନଡ଼ିଆ, ପଣସ, ଗୁଆ, ବଉଳ, ପେସ୍ତା ବାଦାମ ପ୍ରଭୃତି ଚାରାମାନ ରୋପଣ କରାଯାଇଥିଲା। ପରିଷଦର କୋଷାଧ୍ୟକ୍ଷ ତ୍ରିଲୋଚନ ସ୍ୱାଇଁ ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଟ୍ଟାମୁଣ୍ଡାଇ କେନାଲରେ ପାଣି ଛାଡ଼ିବାକୁ ଦାବି

ପଟ୍ଟାମୁଣ୍ଡାଇ, ୪।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ଥିବା ହଜାର ହଜାର ଏକର ଚାଷ ଜମିରେ ବର୍ଷା ଅଭାବରୁ ଚାଷ କାର୍ଯ୍ୟ ହୋଇପାରୁନାହିଁ। ସମ୍ପ୍ରତି ଲାଗି ରହି ଥିବା ବିକ୍ଷିପ୍ତ ବର୍ଷା ଚାଷ ଉପଯୋଗୀ ହୋଇପାରୁନାହିଁ। ପଟ୍ଟାମୁଣ୍ଡାଇ କେନାଲ ଉପରେ ବ୍ଲକ ଓ ପୌରାଞ୍ଚଳର ହଜାର ହଜାର ଏକର ଚାଷ ଜମି ଜଳସେଚନ ପାଇଁ ନିର୍ଭର କରିଥାନ୍ତି। ପଟ୍ଟାମୁଣ୍ଡାଇ କେନାଲରେ ଭରପୁର ପାଣି ନଥିବାରୁ ଶାଖା କେନାଲକୁ ପାଣି ମାଡି ପାରୁନାହିଁ।ଯାହାଫଳରେ ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳର ଭାତହାଣ୍ଡି ଉତିକଣ ଅଞ୍ଚଳରେ ଚାଷ କାର୍ଯ୍ୟ ହୋଇପାରୁନାହିଁ। ଯାହାଫଳରେ ଧାନ ଫସଲ ସମେତ ସମସ୍ତ ଅର୍ଥକରି ଫସଲ ବାଧାପ୍ରାପ୍ତ ହୋଇଛି।ଏଥି ପାଇଁ ଚାଷୀକୁଳ ହତାଶ ହୋଇପଡ଼ିଛନ୍ତି।ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ଏ ନେଇ ଗଭୀର ଉଦବେଗ ପ୍ରକାଶ କରିଛି। ପଟ୍ଟାମୁଣ୍ଡାଇ କେନାଲରେ ଭରପୁର ପାଣି ଛାଡିବା ପାଇଁ ନଗର କଂଗ୍ରେସ ସଭାପତି ସୁନାମଣି ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଛନ୍ତି।ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ନଗର କଂଗ୍ରେସ ଦାବୀ କରିଛି।

## ରୋଟାରୀ ଓ ଇନରହୁଇଲ୍ ପକ୍ଷରୁ ଡାକ୍ତର ଦିବସ ପାଳିତ

ଯାଜପୁର, ୪।୭ (ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥ ରୋଟାରୀ କ୍ଲବ କାର୍ଯ୍ୟାଳୟରେ ରୋଟାରୀ କ୍ଲବ ଜାରକା ଓ ଜାରକା ଇନରହୁଇଲ ପକ୍ଷରୁ ଡାକ୍ତର ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଜାରକା ରୋଟାରୀ କ୍ଲବ ପକ୍ଷରୁ ଡା. ବିଜୟ କୁମାର ଶତପଥୀ, ଡା. ନିହାର ରଞ୍ଜନ କର, ଡା. ବିକ୍ରମ ସାମଲ, ଡା. ବିଶ୍ୱରଞ୍ଜନ କର, ଡା. ଖରେସ ମହମ୍ମଦ, ଡା. ସ୍ମିତାରାଣୀ ନାୟକ, ଡା. ପ୍ରତ୍ୟୁଷ ମହାରଣା ଓ ଡା. ସୌମ୍ୟସନ୍ତୋଷ ପରିଡ଼ା, ଡା. ପ୍ରୀତିସ୍ନିଗ୍ଧା ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ରୋଟାରୀ କ୍ଲବ ସଭାପତି ରୋଟାରିଆନ ରାଜେନ୍ଦ୍ର ପଲେଇ ଓ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀଙ୍କ ସମେତ କ୍ଲବ୍‌ର ସଦସ୍ୟ ଅଜାମ୍ବର ସାହୁ, ବିନୋଦ ପରିଡ଼ା, ନିରଞ୍ଜନ ପାଣିଗ୍ରାହୀ, ଜୟନ୍ତ କୁମାର ସାହୁ, ଅମୂଲ୍ୟ ମହାରଣା, ପ୍ରମୋଦ ସାମଲ, ସୁକାନ୍ତ ସ୍ୱାଇଁ ଓ ଅଶୋକ ମହାପାତ୍ର ଓ ଇନରହୁଇଲ ପକ୍ଷରୁ ସଭାପତି ରଶ୍ମିତା ନାୟକ, ସମ୍ପାଦକ ଲୋପାମୁଦ୍ରା ଷଣ୍ଢ, ପୂର୍ବତନ ସଭାପତି ମିନତୀ ସାହୁ, ମାଧୁରୀ ଶତପଥୀ, ସକୁନ୍ତଳା ମହାନ୍ତି, ପ୍ରତିଭା ସାହୁ, ବିଶ୍ୱମିତ୍ରା ସାହୁ, ଡଃ ଇନ୍ଦୁପ୍ରଭା ସାମଲ, ଉପାସନା ଶତପଥୀ, କଳ୍ପନା ନାୟକ, ଅରୁଣା ରଶ୍ମୀ ସାମଲ, କାଦନମ୍ବିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କାମରେ ଆସୁନି ଗ୍ରାମ୍ୟ ଶ୍ମଶାନ

କବାଟବନ୍ଧ, ୪।୭ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତ ଅଧୀନ ବଳରାମ ତଳଗଡ଼ ନିକଟରେ ଏକ ଶ୍ମଶାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ମିଳିଛି।

ପ୍ରାୟ ୮ ବର୍ଷ ହେବ ଏହା ଏମିତି ଅବସ୍ଥାରେ ରହିଥିବା ଜଣାପଡ଼ିଛି। ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନରେ ୨୦୧୫-୧୬ ଆର୍‌ôଥକ ବର୍ଷରେ ପାଖାପାଖି ୧ ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମାଣ କରାଯାଇଥିଲା। ରୟାଲଟି, ଭାଟ, ସେସ ଇତ୍ୟାଦି ବାବଦକୁ ୩୮୯୫ ଟଙ୍କା ବାଦ୍ ଦିଆଯାଇ ୯୫୨୮୫ ଟଙ୍କାର ବିଲ ପାସ ହୋଇସାରିଛି। କିନ୍ତୁ ପ୍ରକଳ୍ପ ଅସମ୍ପୂର୍ଣ୍ଣ ହୋଇପଡ଼ିରହିଛି। ଏହାଦ୍ୱାରା ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡ଼ି ବରବାଦ ହେଉଛି। ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହେବାରୁ ଏହା ଲୋକଙ୍କ କାମରେ ଲାଗି ପାରୁନାହିଁ। ଏଠାରେ ଥିବା ଶ୍ମଶାନକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି। ଚାରୋଟି ପିଲାର ଉପରେ ଛାତ ହୋଇଥିବା ଦେଖିବାକୁ ମିଳୁଛି। ଏହା ପ୍ଲାଷ୍ଟର ହୋଇନାହିଁ। ଶବଦାହ ପାଇଁ ସ୍ୱତନ୍ତ୍ର ପିଣ୍ଡି ସହିତ ଅନ୍ୟାନ୍ୟ ବ୍ୟବସ୍ଥା ଥାଏ। ଏହା ଚତୁଃପାର୍ଶ୍ୱରେ ବିଭିନ୍ନ ଗଛଲତା ଘେରି ରହିଛି। ଏହା ବ୍ୟବହାର ଉପଯୋଗୀ ହୋଇ ନ ଥିବାରୁ ଲୋକେ ନିଜ ନିଜ ଜାଗା କିମ୍ବା ରାସ୍ତା କଡ଼ରେ ମୃତଦେହକୁ ଦାହ କରୁଛନ୍ତି। ବର୍ଷାଦିନେ କେହି ମୃତ୍ୟୁବରଣ କଲେ ଶବଦାହ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ସମ୍ପୂର୍ଣ୍ଣ କରାଯାଇ ଶବଦାହ ଉପଯୋଗୀ କରାଗଲେ, ସ୍ଥାନୀୟ ଗ୍ରାମବାସୀ ଉପକୃତ ହୋଇପାରନ୍ତେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ରାଜକନିକା, ୪।୭ (ସମିସ): ରାଜକନିକା ବ୍ଲକ ଅନ୍ତର୍ଗତ ସିହୋପଡ଼ା ଗାଁର ପ୍ରାକ୍ତନ ଶିକ୍ଷାବିତ୍ ଶିବ ପ୍ରସାଦ ଜେନାଙ୍କ ନାତି ତଥା ବିଭୂତି ଜେନାଙ୍କ ଏକମାତ୍ର ପୁଅ ଅନଙ୍ଗ ଉଦୟ (୩୪) ଙ୍କର ଗତକାଲି ସକାଳେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇ ଯାଇଛି। ପରିବାର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗତକାଲି ସକାଳେ ନିଜର ଏକ ପ୍ରୋଜେକ୍ଟ କାମରେ



ଅନଙ୍ଗ ଉଦୟ ନିଜ କାର ଚଳାଇ ମାଲକାନଗିରି ଯାଉଥିବା ସମୟରେ ତେଲ ଟ୍ୟାଙ୍କର ସହିତ ଜୁନାଗଡ଼ ଠାରେ ଧକ୍କା ହୋଇଥିଲା। ଫଳରେ ତାଙ୍କର ଗୋଡ଼ ସମ୍ପୂର୍ଣ୍ଣ କ୍ଷତାକ୍ତ ହୋଇ ପଡ଼ିଥିଲା।ତେବେ ଜୁନାଗଡ଼ ପୁଲିସ ପହଞ୍ଚି ତୁରନ୍ତ ତାଙ୍କୁ ଗୁରୁତର ଅବସ୍ଥାରେ ଜୁନାଗଡ଼ ମେଡିକାଲ ପରେ ଭବାନୀପାଟଣାସ୍ଥିତମେଡିକାଲକୁ ନେଇଥିଲେ ବି ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ଜୁନାଗଡ଼ରୁ ଭବାନୀପାଟଣା ନେବା ଭିତରେ ବହୁତ ସମୟ ଅପଚୟ ହୋଇଥିବା କାରଣରୁ ପ୍ରଚୁର ରକ୍ତସ୍ରାବ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।ଯଦି ଜୁନାଗଡ଼ ଠାରେ ରକ୍ତସ୍ରାବ ବନ୍ଦ କରିବାକୁ ଡାକ୍ତର ଚେଷ୍ଟା କରି ଥାଆନ୍ତେ ହୁଏତ ପୁଅ ଆମର ବଞ୍ଚି ଯାଇଥାଆନ୍ତା ବୋଲି କାନ୍ଦି କାନ୍ଦି କହିଥିଲେ ତାଙ୍କ ବଡ଼ବାପା ଗଣପତି। ଅନଙ୍ଗ ଉଦୟଙ୍କର ବିଧବା ପତ୍ନୀ ଅର୍ଚ୍ଚନା ସହିତ ଆଠମାସର ଏକ ଶିଶୁକନ୍ୟା ରହିଛି।ଏଭଳି ଅକସ୍ମାତ ଦୁର୍ଘଟଣା ଫଳରେ ସ୍ଥାନୀୟ ଅଞ୍ଚଳରେ ଶୋକରେ ଛାୟା ଖେଳାଇ ଦେଇଛି।ଆଜି ରାତିରେ ପୁରୀ ସ୍ୱର୍ଗଦ୍ୱାରଠାରେ ଅନ୍ତିମ ସଂସ୍କାର ହେବ ବୋଲି ଜଣାପଡ଼ିଛି। ଏଥିପାଇଁ ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ ସମସ୍ତେ ସ୍ୱର୍ଗଦ୍ୱାର ଠାରେ ଉପସ୍ଥିତ ରହିଛନ୍ତି।

## ଅସହାୟ ବୃଦ୍ଧଙ୍କୁ ସହାୟତା



କେନ୍ଦ୍ରାପଡ଼ା, ୪।୭ (ସମିସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ନାଗପୁରଠାରେ ଜଣେ ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କରାଯାଇଛି। ସେହି ବୃଦ୍ଧ ଜଣକ ଏକ ପରିତ୍ୟକ୍ତ ଗୃହରେ ପଡ଼ି ରହୁଥିଲେ। ବୟସ ପାଖାପାଖି ୮୦ ଛୁଇଁଲାଣି। ତାଙ୍କର ନାମ ଫକୀର ମହାରଣା। ତାଙ୍କ ପାଖରେ ନା ଅଛି ଘର ନା ବସ୍ତ୍ର ନା ଖାଦ୍ୟର ବ୍ୟବସ୍ଥା। ଏହି ଖବର ପାଇବା ପରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ଟ୍ରଷ୍ଟର ସଭାପତି ଦମନ ମହାନ୍ତି ତାଙ୍କର ପିଲାମାନଙ୍କୁ ନେଇ ସେହି ସ୍ଥାନର ପହଞ୍ଚି ଆବଶ୍ୟକ ମୁତାବକ ଜିନିଷ ଯୋଗାଇ ଦେଇଥିଲେ। ଟ୍ରଷ୍ଟ ପକ୍ଷରୁ ଏହି ବୃଦ୍ଧଙ୍କ ପାଇଁ ବସ୍ତ୍ର ସହ ଖାଦ୍ୟ ଉପଯୋଗୀ ପଦାର୍ଥ ଯୋଗାଇ ଦିଆଯାଇଛି। ଏହା ଦେଖି ସ୍ଥାନୀୟ ବାସିନ୍ଦାମାନେ ଟ୍ରଷ୍ଟର ସଦସ୍ୟଙ୍କୁ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନବିନା ରାଉତ, ତପନ କୁମାର ନାଥ, ଜଗବନ୍ଧୁ ବେହେରା ଓ ମନୋଜ କୁମାର ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଶିକ୍ଷକଙ୍କ ବଦଳିକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ

ଡେରାବିଶ, ୪।୭ (ସମିସ): ଡେରାବିଶ ଶିକ୍ଷା ସର୍କଲ ଅଧୀନ ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ଛକନାସ୍ଥିତ ହାଇସ୍କୁଲ ଶାରଦା ଏକାଡେମୀରେ ଥିବା ଅଭିଜ୍ଞ ଗଣିତ ଶିକ୍ଷକ ଶୁଭେନ୍ଦୁ କୁମାର ଲେଙ୍କାଙ୍କ ବଦଳି ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶାରଦା ଏକାଡେମୀର ପିସିଏମ୍‌ର ଶିକ୍ଷକ ଶ୍ରୀ ଲେଙ୍କା ଜଣେ ଛାତ୍ର ବତ୍ସଳ, ଦକ୍ଷ ଗଣିତ ଶିକ୍ଷକ ଭାବେ ଶିକ୍ଷାଦାନ କରୁଥିଲେ ବି ଅନ୍ୟ ବିଷୟ ମାନଙ୍କରେ ମଧ୍ୟ ତାଙ୍କର ଶିକ୍ଷାଦାନରେ ବେଶ୍ ଦକ୍ଷତା ରହିଛି। ଶାରଦା ଏକାଡେମୀରେ ପ୍ରତିବର୍ଷ ଏ-୧ରେ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିବା ସହିତ ଶତ ପ୍ରତିଶତ ପାଶ୍ ହାର ରହିଥିବା ଦେଖାଯାଇଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ୧୦ ଗୋଟି



ଶ୍ରେଣୀରେ ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କୁ ମିଶାଇ ମାତ୍ର ୧୦ ଜଣ ଶିକ୍ଷକ ରହିଥିବା ବେଳେ ସର୍ବାଗ୍ରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କର ପ୍ରିୟ ତଥା ଦକ୍ଷ ଶିକ୍ଷକ ଶ୍ରୀ ଲେଙ୍କାଙ୍କ ବଦଳି ହେଲେ ଏଠାରେ ଶିକ୍ଷକ ସଙ୍କଟ ଦେଖାଦେବ। ଏମିତିକି ବହୁ ଛାତ୍ରଛାତ୍ରୀ ମଧ୍ୟ ଅନ୍ୟତ୍ର ପଢ଼ିବା ପାଇଁ ଚାଲିଯିବାର ଆଶଙ୍କା ରହିଛି। ତେଣୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରମୋଦ ମହାନ୍ତି, ଛାତ୍ରଛାତ୍ରୀଙ୍କ ଅଭିଭାବକ କେଦାର ମହାନ୍ତି, ବୀରବର ମଲିକ, ସୂର୍ଯ୍ୟକାନ୍ତ ନାୟକ, ଅଭୟ ମଲିକ, ନିଳି ସୁତାର, ଦେବେନ୍ଦ୍ର ଭଦ୍ର, ଅଜୟ ସାହୁ, କରୁଣାକର ସୁତାର, ପୂର୍ଣ୍ଣିମା ମହାନ୍ତି ପ୍ରମୁଖ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଭେଟି ଶ୍ରୀ ଲେଙ୍କାଙ୍କୁ ବିଦ୍ୟାଳୟରୁ ରିଲିଭ୍ ନକରିବା ପାଇଁ କହିବା ସହିତ ତାଙ୍କ ବଦଳି ବନ୍ଦ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଭେଟିବେ ବୋଲି କହିଛନ୍ତି। ଯଦି ତାଙ୍କର ବଦଳି କରାଯାଏ ତାହେଲେ ବିଦ୍ୟାଳୟର ପରିଚାଳନା କମିଟି ଓ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ବିଦ୍ୟାଳୟ ଗେଟ୍ ବନ୍ଦ କରି ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ଈଶ୍ୱର ପାଇଲେ ସେବାଜ୍ୟୋତି ପୁରସ୍କାର

ପଞ୍ଚୁପାଣ୍ଡବ, ୪।୭ (ସମିସ): ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଶିକ୍ଷକ ଈଶ୍ୱର ଚନ୍ଦ୍ର ପୃଷ୍ଟି କଳା ସାହିତ୍ୟ ଶିକ୍ଷକତା କାର୍ଯ୍ୟ ନିମନ୍ତେ ସେବା




ଜ୍ୟୋତି ପୁରସ୍କାର ପାଇଛନ୍ତି। ଡକ୍ଟର ଉପେନ୍ଦ୍ର ଶର୍ମାଙ୍କ ସଭାପତିତ୍ୱରେ ଅନ୍ନପୂର୍ଣ୍ଣା ଥିଏଟର୍ସ ପୁରୀରେ ଆଇଆଇସିଏଟି ଇଣ୍ଡିଆ ଚାପଟରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର କାର୍ଯ୍ୟକ୍ରମ ଗ୍ଲୋବାଲ ୟୁନିଭରସିଟି ତରଫରୁ ହୋଇଥିବା ବେଳେ ମୁଖ୍ୟ ଅତିଥିଭାବେ ଡକ୍ଟର ଅର୍ପିତା ଚାଟାର୍ଜୀ ଯୋଗ ଦେଇଥିଲେ। ଈଶ୍ୱର ଏହି ପୁରସ୍କାର ପାଇଲାପରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି।

### ପ୍ରଥମ ପତ୍ନୀଙ୍କୁ ଯୌତୁକ ନିର୍ଯାତନା

## ଦ୍ୱିତୀୟ ବିବାହ କରି ସ୍ୱାମୀ ଅଟକ

ମାର୍ଶାଘାଇ, ୪।୭ (ସମିସ): ମାର୍ଶାଘାଇ ଥାନା ହିନ୍ଦୁଳିଆ ପଞ୍ଚାୟତ ହାତିଆ ଗ୍ରାମର ନବଘନ ମହାରଣାଙ୍କ ପୁତ୍ର ଭାବଗ୍ରାହୀ ମହାରଣାଙ୍କ ପ୍ରଥମ ପତ୍ନୀ ସୁଶ୍ରୀ ଗାୟତ୍ରୀ ଯୌତୁକ ଓ କନ୍ୟା ସନ୍ତାନ ପାଇଁ ନିର୍ଯାତନା ଦିଆଯାଉଥିବା ଓ ସ୍ୱାମୀ ଦ୍ୱିତୀୟ ବିବାହ ସମ୍ପର୍କରେ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ପୁଲିସ ସ୍ୱାମୀ ଭାବଗ୍ରାହୀଙ୍କୁ ଅଟକ ରଖିଛି।

୨୦୧୮ ଜୁଲାଇ ୭ରେ ଭାବଗ୍ରାହୀ କୁଦାନଗରୀ ଥାନା ନିଶ୍ଚିନ୍ତଶାସନର ଭାଗବତ ଓଝାଙ୍କ ଝିଅ ସୁଶ୍ରୀ ଗାୟତ୍ରୀଙ୍କୁ ବିବାହ କରିଥିଲେ। ବରପକ୍ଷଙ୍କ ଦାବି ମୁତାବକ କନ୍ୟାପିତା ଭାଗବତ ୬୦ ହଜାର ଟଙ୍କା, ସୁନାଗହଣା ଓ ଘରର ସମସ୍ତ ଆସବାବପତ୍ର ଦେଇଥିଲେ। ବିବାହର କିଛିଦିନ ଗାୟତ୍ରୀଙ୍କ ଶାଶୂଘରେ ହସଖୁସିରେ ବିତିଥିଲା। କିଛିଦିନ ପରେ ଶଶୁର, ଶାଶୂ, ସ୍ୱାମୀ ଭାବଗ୍ରାହୀଙ୍କ ବ୍ୟବସାୟ କରିବାକୁ ୨ ଲକ୍ଷ ଟଙ୍କା ଦାବି କରିଥିଲେ। ବାପା ଦିନମଜୁରିଆ ହୋଇଥିବାରୁ ଅଧିକ ଯୌତୁକ ଦେବାକୁ ଅସମର୍ଥ ବୋଲି ଗାୟତ୍ରୀ କହିଥିଲେ। ଏହାପରେ ଶଶୁର ନବଘନ, ଶାଶୂ କୁସୁମ, ସ୍ୱାମୀ ଭାବଗ୍ରାହୀ, ଯାଆ ସ୍ନେହଲତା, ଦେଢ଼ଶଶୁର ସୁଶୀଳ ସମସ୍ତେ ମିଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଦାବି ଅର୍ଥ ଆଣିବୁ, ନଚେତ୍ ଜୀବନରେ ମାରିଦେବୁ କହି ଶାରିରୀକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏହାମଧ୍ୟରେ ମୁଁ ଗର୍ଭବତୀ ହୋଇଥିଲି। ମେଡିକାଲରେ ଚିକିତ୍ସା କରିବାକୁ ନେଇ ପରୀକ୍ଷା କରିବାରୁ କନ୍ୟା ସନ୍ତାନ ଜନ୍ମହେବ ଜାଣିବା ପରେ ଶାଶୂଘର ଲୋକେ ଅତ୍ୟଧିକ ନିର୍ଯାତନା ଦେଇଚାଲିଲେ। ମୋ' ଅନୁପସ୍ଥିତ ସୁଯୋଗ ଦେଖି ପ୍ରଥମ କନ୍ୟା ସନ୍ତାନକୁ ମାରିଦେଇଥିବା ଅଭିଯୋଗ କରିଛନ୍ତି। ଏହାପରେ ମୋ'ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ କହି ବାପଘରେ ବିଶ୍ରାମ ନେବାକୁ କହି ବିଦା କରି ଦାବି ଅର୍ଥ ଯୋଗାଡ଼ କରିବା ପରେ ଶାଶୂଘରକୁ ଆସୁବୁ ବୋଲି କହିଥିଲେ।

କିଛିଦିନ ଅତିବାହିତ ପରେ ବାପା ଶଶୁରଙ୍କୁ କହି ପଞ୍ଚାୟତ ବସାଇ ଭଦ୍ରବ୍ୟକ୍ତଙ୍କ ଦ୍ୱାରା ସମାଧାନ କରାଇ ଶାଶୂଘରକୁ ଆସିଥିଲି। ପୂର୍ବଭଳି ଶାଶୂଘର ଲୋକେ ଶାରିରୀକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏହାମଧ୍ୟରେ ଦ୍ୱିତୀୟଥର ଗର୍ଭବତୀ ହୋଇ କଟକ ବଡ଼ ମେଡିକାଲରେ ପୁର୍ନାବର କନ୍ୟା ସନ୍ତାନ ଜନ୍ମଦେଇଥିଲି। ଶାଶୂଘର ଲୋକେ ମେଡିକଲରେ କନ୍ୟା ସନ୍ତାନ କାହିଁକି ହେଲା ତୁ ତୋ' ବାପଘରେ ଯା' ରହିବୁ, ତୋତେ ଆମେ ନେବୁ ନାହିଁ। ଆମ ପୁଅ ଭାବଗ୍ରାହୀକୁ ଅନ୍ୟ ଜାଗାରେ ବିବାହ କରିଦେବୁ। ଯଦି ଜବରଦସ୍ତ ଆସୁ ତୋତେ ଓ ତୋ ଝିଅକୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଗାୟତ୍ରୀ ଅଭିଯୋଗ କରିଛନ୍ତି। ଗତ ଜୁନ ୨୩ରେ ରବିବାର ଝିଙ୍କଡିରେ ସୁବାସ ମହାରଣାଙ୍କ ଝିଅ ସୋନୁ ମହାରଣାଙ୍କୁ ବିବାହ କରି ଘରେ ରଖିଥିବା ଗାୟତ୍ରୀ ଅଭିଯୋଗ କରିଛନ୍ତି। ମାର୍ଶାଘାଇ ପୁଲିସ ଥାନାରେ ଭାବଗ୍ରାହୀଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ବଳିଆ ଯୋଜନା ଋଣ ଆଦାୟ ପାଇଁ ସମନ୍ୱୟ ବୈଠକ

ଆଳି, ୪।୭ (ସମିସ)

ପୂର୍ବ ସରକାର ସମୟରେ ଭୂମିହୀନ ଚାଷୀ ମାନଙ୍କୁ ଋଣ ଯୋଗାଇ ଦେବା ପାଇଁ ଯୋଜନା କରି ଆରମ୍ଭ କଲେ ବଳିଆ ଯୋଜନା। ଏଥିରେ ୪ ରୁ ୫ ଜଣ ଭୂମିହୀନ ଚାଷୀଙ୍କୁ ଗୋଷ୍ଠୀ କରି ମୁଣ୍ଡ ପିଛା ୨୦ ହଜାର ହିସାବରେ ଗୋଷ୍ଠୀ ପିଛା ୧ ଲକ୍ଷ ଟଙ୍କା ଋଣ ଦେବା ପାଇଁ ବ୍ୟବସ୍ଥା କଲେ। ଯାହାର ଶୁଝିବା ଅବଧି ଥିଲା ୧ ବର୍ଷ। ସେହି କ୍ରମରେ କୃଷି ବିଭାଗ ସହାୟତାରେ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପକ୍ଷରୁ ଋଣ ଦେବାର ବ୍ୟବସ୍ଥା ହେଲା।ଏହି ବ୍ୟାଙ୍କର ଆଳି ଶାଖା ପକ୍ଷରୁ ୧୧୧୦ ଗୋଷ୍ଠୀକୁ ଋଣ ପ୍ରଦାନ କରାଗଲା। ଯାହା ଏବେ ଅନାଦେୟ ହୋଇ ୧୨ କୋଟି ଟଙ୍କା ବ୍ୟାଙ୍କ ଉପରେ ବୋଝ ପାଲଟିଛି। ଏହାକୁ ଆଦାୟ କରିବା ପାଇଁ ଏହି ଋଣ ପ୍ରଦାନ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କୃଷକ ସାଥୀମାନଙ୍କୁ ସମବାୟ



ବ୍ୟାଙ୍କ ଆଳି ଶାଖା ପକ୍ଷରୁ ଏକ ଋଣ ଆଦାୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବ୍ୟାଙ୍କର ସଭା ଗୃହରେ ଆୟୋଜିତ ଏହି ବୈଠକରେ କଟକ କେନ୍ଦ୍ରୀୟ ବ୍ୟାଙ୍କ ଆଳି ଶାଖା ପରିଚାଳକ ସମୀର ମଣ୍ଡଳ ଅଧକ୍ଷତା କରିଥିଲେ। ଏଥିରେ କିପରି ଭୂମିହୀନ ଚାଷୀ ମାନଙ୍କ ସହ ଆଲୋଚନା କରି ଋଣ ଅର୍ଥ ଆଦାୟ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଶାଖା ପରିଚାଳକ ଶ୍ରୀ ମଣ୍ଡଳ ବ୍ୟାଙ୍କର ଆର୍ôଥିକ କାରବାର ସୁପରିଚାଳନା ପାଇଁ ଏହି ଋଣ ଆଦାୟ ର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ବୈଠକରେ ବିଭିନ୍ନ ପଞ୍ଚାୟତର କୃଷକ ସାଥୀ ଅଜୟ ସାମଲ, ଚକ୍ରଧର ମହାଳିକ, ବିଜୟ ସାହୁ, ପ୍ରଶାନ୍ତ ଦାଶ, ଶ୍ରୀକାନ୍ତ ସାମଲ, ସଞ୍ଜୀବ ସାମଲ, ଗଗନ ବେହେରା, ପ୍ରଣୟ ରାଉତ, ମହେନ୍ଦ୍ର ମଳିକ, ସରୋଜ ସାମଲ, ରଞ୍ଜିତ ଦାସ, ରାଜେନ୍ଦ୍ର ନନ୍ଦ, ସନ୍ତୋଷ ମିଶ୍ର, ପ୍ରକାଶ ପରିଡ଼ା, ରାଜେନ୍ଦ୍ର ଦାସ, ଲକ୍ଷ୍ମୀଧର ପୂଜାରୀ, ରମେଶ ସାହୁ, ପ୍ରବୀର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ବ୍ୟାଙ୍କର ସୁପରିଚାଳନା ବାବଦରେ ଶାଖା ପରିଚାଳକ ଶ୍ରୀ ମଣ୍ଡଳ କ୍ଷୋଭର ସହ କହିଛନ୍ତି, ଚାଷୀ ମାନଙ୍କୁ ସୁବିଧା ଦେବା ପାଇଁ ଏହି ବ୍ୟାଙ୍କ ରହିଛି। ମାତ୍ର ବ୍ୟାଙ୍କ ପରିସର ବହୁତ ଛୋଟ ହୋଇ ଥିବାରୁ ପରିଚାଳନାରେ ବହୁତ ସମସ୍ୟା ହେଉଛି। ଏହି ବ୍ୟାଙ୍କର ଚାଷୀ ସଂଖ୍ୟା ମଧ୍ୟ ବହୁତ ଅଧିକ। ଦଲାଲ ମାନେ ବିଭିନ୍ନ ପ୍ରକାର ବାହାନା କରି ଚାନ୍ଦା ପାଇଁ ଜୁଲମ କରିବା ସହ ନ ଦେଲେ ବିଭିନ୍ନ ବାଟରେ ମିଥ୍ୟା ପ୍ରଚାର କରି ବଦନାମ କରିବୁ ବୋଲି ଧମକ ଦେଉଛନ୍ତି। ଏଥି ପାଇଁ ଜନ ସଚେତନତା ଜରୁରୀ ହୋଇ ପଡ଼ିଛି। ସବୁ ଚାଷୀଙ୍କର ସହଯୋଗ ମିଳିଲେ କାମ କରିବା ସହଜ ହେବବୋଲି ସେ କହିଥିଲେ।

### ଖର୍ଚ୍ଚ ହୋଇଛି ୨୬ ଲକ୍ଷ

# ଅପୂଜା ବଳଭଦ୍ରଙ୍କ ଦାରୁସ୍ଥଳ ସ୍ମୃତିମନ୍ଦିର

**ଜଗତସିଂହପୁର, ୪।୭ (ସମିସ):** ସାରଳା ମନ୍ଦିର ପ୍ରଶାସନ ପକ୍ଷରୁ ୨୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବଳଦେବାଜୀଉଙ୍କ ଦାରୁ ସ୍ଥଳରେ ଏକ ସ୍ମୃତି ମନ୍ଦିର ନିର୍ମାଣ କରାଯାଇଥିଲା ।ତେବେ ଏହିମନ୍ଦିର ସମ୍ପୂର୍ଣ୍ଣ ହେବାପରେ ମଧ୍ୟ ଏବେବି ବନ୍ଦ ହୋଇ ରହିଥିବା ଦେଖିବାକୁ ମିଳିଛି । ସାରଳାପୀଠରୁ ଗତ ୨୦୧୫ ମସିହା ନବକଳେବର ସମୟରେ ବଡଠାକୁର୍ ବଳଭଦ୍ରଙ୍କ ବ୍ରହ୍ମଦାରୁ ସଂଗୃହୀତ ହୋଇ ପୁରୀ ଯାଇଥିଲା । ତେବେ ଦାରୁସ୍ଥଳରେ ଏକ ସ୍ମୃତିମନ୍ଦିର ନିର୍ମାଣ ପାଇଁ, ଶ୍ରୀମନ୍ଦିର ପ୍ରଶାସନ ତରଫରୁ ୫ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ ସହିତ ତାଳଧ୍ୱଜ ରଥର ଏକ ଚକ ପ୍ରଦାନ କରାଯାଇଥିଲା। ମାତ୍ର ଏହି ସ୍ଥାନଟି ମାଆଙ୍କ ମନ୍ଦିର ସମ୍ମୁଖସ୍ଥ ମଧ୍ୟବର୍ତ୍ତି ସ୍ଥାନ ହୋଇଥିବାରୁ,



ଗୋଟିଏ ଛୋଟଆକାରର ସ୍ମୃତିପୀଠ କରାଇବା ପାଇଁ,ସାଧାରଣରେ ମତ ପ୍ରକାଶ ପାଇଥିଲା। ମାତ୍ର ସାରଳା ମନ୍ଦିର ପ୍ରଶାସନ ଏହି ଦାବିକୁ ଗୁରୁତ୍ୱ ନଦେଇ ୨୬ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏହି ସ୍ମୃତିମନ୍ଦିର ନିର୍ମାଣ କରିଥିଲେ । ତେବେ ଆଜି ପର୍ଯ୍ୟନ୍ତ ଏହି ମନ୍ଦିରର ଦ୍ୱାର ବନ୍ଦ କରି ରଖାଯାଇଥିବାରୁ, ଶ୍ରଦ୍ଧାଳୁ ଭକ୍ତ ଓ ପର୍ଯ୍ୟଟକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଏହି ସ୍ମୃତିମନ୍ଦିରର ଦ୍ୱାରଦେଶରେ ଥିବା ନବଗ୍ରହଙ୍କ ବିଗ୍ରହ ମଧ୍ୟରୁ ଆଠଗୋଟି ବିଗ୍ରହ ଥିବାର ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କଠାରୁ ମନ୍ଦିରବେଢ଼ାର ଉନ୍ନତିକରଣ ପାଇଁ ମିଳିଥିବା ଆର୍ଥିକ ଅନୁଦାନରୁ କାହା ସ୍ୱାର୍ଥରେ ୨୧ ଲକ୍ଷ ଟଙ୍କା ଏହି ସ୍ମୃତି ମନ୍ଦିର ନିର୍ମାଣ ପାଇଁ ଖର୍ଚ୍ଚ କରାଗଲା, ତାହା ଆଜିବି ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ବଜାରରେ ଭିଡ଼ ନିୟନ୍ତ୍ରଣ ପାଇଁ ବୈଠକ

# ରାସ୍ତା କଡ଼ରୁ ହଟିଯିବାକୁ ଉଠାଦୋକାନୀଙ୍କୁ ବିଡିଓଙ୍କ ଅନୁରୋଧ

ବାଲିକୁଦା, ୪।୭(ସମିସ): ବାଲିକୁଦା ବ୍ଲକ ସମ୍ମିଳନୀ କକ୍ଷରେ ବିଡ଼ିଓ ବିକାଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବାଲିକୁଦା ବଜାରରୁ ଭିଡ଼ ନିୟନ୍ତ୍ରଣ ପାଇଁ ଉଠା ଦୋକନ ଉଚ୍ଛେଦ ପ୍ରସଙ୍ଗରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲିକୁଦା ଅତିରିକ୍ତ ତହସିଲଦାର ବିରଜା ପ୍ରସାଦ ରାୟ,ଅତିରିକ୍ତ ବିଡ଼ିଓ ସଞ୍ଜୟ କୁମାର ଦାସ, ବାଲିକୁଦା ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ବାଲିକୁଦା ବଜାରରେ ଥିବା ତିନି ବଜାର କମିଟି ହାଟ ଗଡା, କାଠ ଗୋଲା ଓ ଦୁର୍ଗା ବଜାରର ସଭାପତି, ସମ୍ପାଦକ ସମେତ ସ୍ଥାନୀୟ ସରପଞ୍ଚ ରାଜକିଶୋର ସାହୁଙ୍କ ସହଯୋଗ ଲୋଡ଼ିଥିଲେ।ଏହି ଅବସରରେ ବିଡ଼ିଓ ଉଠା ଦୋକାନୀମାନଙ୍କୁ ଶୀଘ୍ର ଉଠାଇବା ପାଇଁ ଅନୁରୋଧ କରିଥିଲେ। ଯଦି ଏପରି ନହୁଏ ତେବେ ବାଧ୍ୟ ହୋଇ ପ୍ରଶାସନ ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଜେସିବି ଲଗାଇ ଉଚ୍ଛେଦ କରାଯିବ ବୋଲି କହିଥିଲେ। ଏହି ବୈଠକରେ ଉପସ୍ଥିତ ଥିବା କଠାଗୋଲା ମୁକ୍ତେଶ୍ୱର ମହାଦେବ ବଜାର କମିଟି ସଭାପତି ରାଜକିଶୋର ସାହୁ , ହାଟଗଡା ବଜାର କମିଟି ସଭାପତି ଶିବବ୍ରତ ଦାସ, ବସଷ୍ଟାଣ୍ଡ ବଜାର କମିଟି ସମ୍ପାଦକ ବେଣୁଧର ମହାନ୍ତି, ଗୌରାଙ୍ଗ ଦାସ, ଜାହିର ଖାଁ ପ୍ରମୁଖ ପ୍ରଶାସନକୁ ଏକ ସପ୍ତାହ ସମୟ ମାଗିଥିଲେ।ଏହି ଅବିଧି ମଧ୍ୟରେ ବଜାର କଡରେ ଥିବା ନାଳା ବନ୍ଧ ନିକଟରେ ଥିବା ସ୍ଥାନକୁ ବ୍ୟବସାୟୀ ମାନେ ଅସ୍ଥାୟୀ ଭାବେ ଉଠି ବ୍ୟବସାୟ ଜାରି ରଖିବେ। ପରବର୍ତ୍ତୀ ସମୟରେ ଭେଣ୍ଡିଂ ଜୋନ ନିର୍ମାଣ କରି ସେମାନଙ୍କୁ ସ୍ଥାୟୀ ଥଇଥାନ ବ୍ୟବସ୍ଥା କରିବା ପାଇଁ ସମସ୍ତ ବଜାର କମିଟି ମୁଖ୍ୟ ବ୍ଲକ ପ୍ରଶାସନ ନିକଟରେ ଦାବି କରିଥିଲେ।ସୂଚନା ଅନୁଯାୟୀ ବାଲିକୁଦା ବଜାର ବ୍ଲକର ୩୦ ପଞ୍ଚାୟତର ପ୍ରମୁଖ ବଜାର ହୋଇଥିବା କାରଣରୁ ପ୍ରତ୍ୟେକ ଦିନ ଏଠାରେ ଜନ ଗହଳି ଦେଖିବାକୁ ମିଳିଥାଏ।ଏଣୁ ଏହାକୁ ଦୃଷ୍ଟିରେ ରଖି ଅନେକ କ୍ଷୁଦ୍ର ଉଠା ବ୍ୟବସାୟୀ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଉଠା ଦୋକାନ କରିଥିଲେ।ଫଳରେ ରାସ୍ତାରେ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ରାସ୍ତା ଜନଗହଳିପୂର୍ଣ୍ଣ ରହୁଥିବା କାରଣରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଅନେକ ନିରୀହ ଜୀବନ ଯାଉଥିଲା।ଏଣୁ ରାସ୍ତାର ପ୍ରଶସ୍ତିକରଣ ଓ ଉଠା ଦୋକାନ ଉଚ୍ଛେଦ ପାଇଁ ବହୁ ବର୍ଷ ଧରି ଦାବି ହୋଇ ଆସୁଥିଲା।

# ମାତୃଶକ୍ତି କଳା ଓ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ଚାରାରୋପଣ



**ବାଲିକୁଦା,୪।୭(ସମିସ):** ବାଲିକୁଦା ବ୍ଲକ ମାଳମାରିଚିପୁର ମାତୃଶକ୍ତି କଳା ଓ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଳଗାଁସ୍ଥିତ ବାସୁଦେବ ସ୍ମାରକୀ ମହା ବିଦ୍ୟାଳୟ ଓ ତାଳଗାଁ ଶ୍ମଶାନ ପଡିଆ ନିକଟରେ ପ୍ରାୟ ୧୦୦ ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିବା ବେଳେ ଏହାକୁ ବଞ୍ଚାଇ ରଖିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। କେବଳ ବୃକ୍ଷ ରୋପଣ କରିଦେଲେ ହେବ ନାହିଁ ବରଂ ତାର ସୁରକ୍ଷା ଓ ଲାଳନ ପାଳନ କରି ପାରିଲେ ବର୍ତ୍ତମାନ ସମାଜ ଯେଉଁ ଅମ୍ଳଜାନ ସଙ୍କଟ ଦେଇ ଗତି କରୁଛି ଓ ଗ୍ରୀଷ୍ମ ଋତୁରେ ଅସହ୍ୟ ତାପମାତ୍ରା ବୃଦ୍ଧି ପାଇଛି ସେ ଦିଗରେ ବୃକ୍ଷ ସଂଜୀବନୀ ଭଳି କାର୍ଯ୍ୟ କରି ପାରିବ ବୋଲି ଅନୁଷ୍ଠାନର ସଦସ୍ୟମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଭିମନ୍ୟୁ ମହାନ୍ତି, ଦେବାକାନ୍ତ ବିଶ୍ୱାଳ, ରମେଶ ଚନ୍ଦ୍ର ପରିଡା, ସନ୍ତୋଷ ବିଶ୍ୱାଳ,କୃପାସିନ୍ଧୁ ମହାନ୍ତି, ସରୋଜ ନାୟକ, ଆଲୋକ ମହାନ୍ତି, ଚିତ୍ତରଞ୍ଜନ ସ୍ୱାଇଁ, ପ୍ରଭାଂଶୁ ନାୟକ, ଦୀପକ ଶତପଥୀ, ପ୍ରଫୁଲ୍ଲ ମହାପାତ୍ର, ପ୍ରମୋଦ ନାୟକ, ପ୍ରଶାନ୍ତ ବାରିକ, ସଂଗ୍ରାମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ଦିବ୍ୟାଙ୍ଗ ମହିଳାଙ୍କୁ ହୁଇଲ୍‌ଚେୟାର ପ୍ରଦାନ

**ଜଗତସିଂହପୁର,୪।୭(ସମିସ):**ଜଗତସିଂହପୁର ପୌର ପ୍ରଶାସନ ପକ୍ଷରୁ ୨ ଜଣ ଦିବ୍ୟାଙ୍ଗ ମହିଳାଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ପୌରାଞ୍ଚଳ ସ୍ଥାନୀୟ ମାର୍କଣ୍ଡପୁର ଗ୍ରାମର କରିମନ୍ ବିବି ଓ ସୁକରନ୍ ବିବି ଶାରୀରିକ ଦିବ୍ୟାଙ୍ଗ ଅଟନ୍ତି। ଉଭୟ ପକ୍ଷାଘାତ ରୋଗରେ ଆକ୍ରାନ୍ତ। ଠିକ୍ ଭାବରେ ଚାଲି ପାରନ୍ତି ନାହିଁ। ସେମାନଙ୍କୁ ଚଳ ପ୍ରଚଳ କରିବା ପାଇଁ ନାନା ପ୍ରକାର ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିଲା। ଗୁରୁବାର ପୌର ପରିଷଦ ପକ୍ଷରୁ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ,ପୌର ପରିଷଦର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ସି ଓ ସ୍ୱେସ୍ତି ତପା ଜେନା ଦୁଇ ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର ପ୍ରଦାନ କରିଥିଲେ। ଘଟଣା ସ୍ଥଳରେ ଆଶୀର୍ବାଦ ସେବା ସଂଗଠନର ସଭାପତି ଜଗନ୍ନାଥ ବେହେରା, ପାରିଷଦ ଜଗଦାନନ୍ଦ ପଡ଼ିହାରୀ ଓ କୃଷ୍ଣ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ।



# ଧର୍ମପ୍ରାଣା ମହିଳାଙ୍କ ସ୍ମୃତିସଭା



**ବିରିଡି,୪।୭(ସମିସ):** ଉତ୍ତରଶାସନ ଗ୍ରାମପଞ୍ଚାୟତ ଉତ୍ତରଶାସନ ଗ୍ରାମର ଅଞ୍ଚଳର ଧର୍ମପ୍ରାଣା ମହିଳା ସ୍ୱର୍ଗତ ସୁଲୋଚନା ଶତପଥିଙ୍କ ପ୍ରଥମବାର୍ଷିକ ସ୍ମୃତି ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ବଡପୁଅ ଲକ୍ଷ୍ମୀକାନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସ୍ମୃତି ସଭାରେ ପୁତ୍ର ଶଶାଙ୍କଶେଖର,କମଳାକାନ୍ତ ,ଶ୍ରୀକାନ୍ତ ,ବୋହୂ ମଧୁସ୍ମିତା, ରୀନାବାଳା, ମନୋରମା , ନାତି ଶୁଭମ,ଶ୍ରୀତମ, ପ୍ରୀତମ ଓ ନାତୁଣୀ ମାମାଲି, ମାନଭିଙ୍କ ସମେତ ବହୁ ଭଦ୍ର ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତା ଶତପଥିଙ୍କ ତୈଳ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତି ଚାରଣ କରିବାସହ ଅମର ଆତ୍ମାର ସଦଗତି କାମନା କରି ଦୁଇମିନିଟ ନୀରବ ପ୍ରାର୍ଥନା କରିଥିଲେ।

# ୫ ଦିନର ଶିଶୁପୁତ୍ରକୁ ବିକ୍ରି କଲା ମାଆ

**ପାରାଦୀପ, ୪।୭ (ସମିସ) :** ଲକ୍ଷେ ଟଙ୍କାରେ ୫ ଦିନର ପିଲାକୁ ବିକ୍ରି କରିଦେଲା ଜନ୍ମ କଲା ମାଆ।ଏଭଳି ଘଟଣା ଏବେ ପାରାଦୀପ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ସୂଚନା ଅନୁଯାୟୀ ପାରାଦୀପ ନୂଆବଜାରରେ ରହୁଥିବା ସମ୍ପୃକ୍ତ ମହିଳା ଜଣଙ୍କ ଗତ ରବିବାର ଦିନ ଅଠରବାଙ୍କି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ପୁତ୍ର ସନ୍ତାନ କୁ ଜନ୍ମ ଦେଇଥିଲେ। କିନ୍ତୁ ଉକ୍ତ ପିଲାଟିକୁ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କୁ ଏକ ଲକ୍ଷ ଟଙ୍କାରେ ବିକ୍ରି କରିଥିବା ବେଳେ, ଉକ୍ତ ଶିଶୁପୁତ୍ରକୁ ସମ୍ପୃକ୍ତ ବ୍ୟକ୍ତି ଭାଇଜାଗ କିମ୍ବା ଆନ୍ଧ୍ର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିବା ଜଣା ପଡିଛି। ଏ ସମ୍ପର୍କିତ ଖବର ପ୍ରଚାର ହେବାପରେ ସିଡବ୍ଲୁସି ଜଗତସିଂହପୁରର ଅଧ୍ୟକ୍ଷା ଶକୁନ୍ତଳା ଚୌଧୁରୀ ଆସି ପାରାଦୀପରେ ପହଞ୍ଚି ଘଟଣାର ସତ୍ୟତା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି।ଆଜି ଅଧ୍ୟକ୍ଷାଙ୍କ ସହିତ ପାରାଦୀପ ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସ, ଜଟାଧାର ସାମୁଦ୍ରିକ ଥାନା ଅଧିକାରୀ ସୁଜାତା ବେହେରା ଷଣ୍ଡକୁଦ, ନୂଆବଜାର ଓ ସବଷ୍ଟେସନ ଛକ ମୁଣ୍ଡାପଡା ଅଞ୍ଚଳ ଗ୍ରସ୍ତ କରି ତଦନ୍ତ କରିବା ପରେ ପିଲାବିକ୍ରି ଘଟଣା ସତ୍ୟ ବୋଲି ସ୍ପଷ୍ଟ ହୋଇଛି।ତେବେ କେତେ ଟଙ୍କାରେ ବିକ୍ରି ହୋଇଛି, କାହାକୁ ବିକ୍ରି କରାଯାଇଛି ତାହା ସ୍ପଷ୍ଟ ହୋଇ ନାହିଁ। ସମ୍ପୃକ୍ତ ମହିଳା ଗର୍ଭବତୀ ଥିବା ସମୟରେ ଗର୍ଭପାତ କରାଇବାକୁ ଚାହୁଁଥିଲେ। ମାତ୍ର ସେ ପିଲାଟିକୁ ସ୍ଥାନୀୟ ଜଣେ ବ୍ୟକ୍ତି ନେବାପାଇଁ ଅନୁରୋଧ କରିଥିଲେ।ଏପରିକି ମହିଳାଙ୍କ ପିଲା ଜନ୍ମ ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ସେ କରିଥିଲେ। ମାତ୍ର ମହିଳା ଜଣକ ପୁତ୍ର ସନ୍ତାନ ଜନ୍ମ ହେବା ପରେ ପିଲାଟିକୁ ଅନ୍ୟ କାହା କଥାରେ ପ୍ରଲୋଭିତ ହୋଇ ଅନ୍ୟଜଣକୁ ବିକ୍ରି କରିଥିବା ସ୍ପଷ୍ଟ କରିଛି ସିଡବ୍ଲୁସି। ପିଲାଟି ଆସନ୍ତାକାଲି ସୁଦ୍ଧା ପୁଲିସ ନିକଟରେ ହାଜର କରିବା ପାଇଁ ସମ୍ପୃକ୍ତ ବ୍ୟକ୍ତି ପ୍ରତିଶୃତି ଦେଇଛନ୍ତି। ମହିଳା ଜଣକ ଏବେ ପାରାଦୀପ ଛାଡି କଟକ ବାରଙ୍ଗ ଅଞ୍ଚଳକୁ ପଳାଇଥିବା ସୂଚନା ଦେଇଛନ୍ତି ମହିଳାଙ୍କ ମାଉସୀ।ତେବେ ଆଜି ରାତି ସୁଦ୍ଧା ସିଡବ୍ଲୁସି ମହିଳାଙ୍କ ନିକଟରେ ପହଞ୍ଚିବାର ଯୋଜନା ରଖିଛି।

# ରଥଯାତ୍ରା ପାଇଁ ପାରାଦୀପରୁ ପୁରୀକୁ ସ୍ୱତନ୍ତ୍ର ଟ୍ରେନ୍

**ପାରାଦୀପ, ୪।୭ (ସମିସ):** ରଥଯାତ୍ରା ପାଇଁ ପାରାଦୀପରୁ ପୁରୀକୁ ସ୍ୱତନ୍ତ୍ର ଟ୍ରେନ ଚାଲିବା ନେଇ ପୂର୍ବତଟ ରେଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଶ୍ରଦ୍ଧାଳୁ ଜଗନ୍ନାଥ ଙ୍କ ଘୋଷ ଯାତ୍ରାରେ ପହଞ୍ଚି ରଥଯାତ୍ରାକୁ ଉପଭୋଗ କରିବା ସହିତ ଜଗନ୍ନାଥଙ୍କୁ ଦର୍ଶନ କରିବା ନେଇ ଏହି ସ୍ୱତନ୍ତ୍ର ଟ୍ରେନର ବନ୍ଦୋବସ୍ତ କରାଯାଇଛି।ଜୁଲାଇ ୭ ରେ ହେବାକୁ ଯାଉଥିବା ଏହି ରଥଯାତ୍ରା ପାଇଁ ଜୁଲାଇ ୬ ରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟ୍ରେନ ପାରାଦୀପ ରେଳ ଷ୍ଟେସନରୁ ପ୍ରତ୍ୟେକ ଦିନ ରାତି ୯ରୁ ଯାତ୍ରା ଆରମ୍ଭ କରିବ।ଏହି ଟ୍ରେନ ଭାୟା ହରିଦାଶପୁର ହୋଇ କେନ୍ଦ୍ରାପଡା, ଯାଜପୁର, କଟକ ଓ ଭୁବନେଶ୍ୱର ଦେଇ ତା ପରଦିନ ଭୋର ୩ ଟା ୧୦ ରେ ପୁରୀ ରେଳ ଷ୍ଟେସନରେ ପହଞ୍ଚିବ।ଏହି ସ୍ୱତନ୍ତ୍ର ଟ୍ରେନ ଚଳାଚଳ ଦ୍ୱାରା ପାରାଦୀପ ଅଞ୍ଚଳରୁ ବହୁ ଭକ୍ତ ପୁରୀକୁ ଯାଇ ଜଗନ୍ନାଥଙ୍କ ରଥ ଯାତ୍ରାରେ ସାମିଲ ହୋଇ ପାରିବେ।ଅଧିକ ଜନ ସମାଗମ ଓ ବସ ରେ ଭିଡକୁ ଅନୁଭବ କରି ବହୁ ଭକ୍ତ ରଥଯାତ୍ରା ଦେଖିବାରୁ ବଞ୍ଚିତ ହୁଅନ୍ତି।ତେବେ ସବୁକୁ ଆଖି ଆଗରେ ରଖି ପୂର୍ବତଟ ରେଳ ବିଭାଗ ପକ୍ଷରୁ ଏହି ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଛି।

# 'ଯୁବ ମାନସର ପ୍ରତୀକ ଥିଲେ ବିବେକାନନ୍ଦ'



**ତିର୍ତ୍ତୋଲ,୪।୭(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୂଳିସିଂସ୍ଥ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ୧୨୨ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠାନର ଅଧ୍ୟକ୍ଷ ବିକ୍ରମ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗଦେଇ କହିଲେ ଯେ, ଭାରତର ଆଧ୍ୟାତ୍ମିକ ଜାଗରଣର ଜନକ ତଥା ଯୁବମାନସର ପ୍ରତୀକ ଥିଲେ ସ୍ୱାମୀ ବିବେକାନନ୍ଦ। ମୁଖ୍ୟବକ୍ତା ବରିଷ୍ଠ ଶିକ୍ଷକ ପ୍ରଭାତ କୁମାର ଗୁଇଁ ରାମକୃଷ୍ଣ ପରମହଂସଙ୍କ ପରମ ଶିଷ୍ୟ ବିବେକାନନ୍ଦ ଭାରତର ବେଦାନ୍ତ ଓ ଯୋଗଦର୍ଶନକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଯେଉଁ ନିଷ୍ଠାପର ଉଦ୍ୟମ କରିଥିଲେ ତାହା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା, ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଟ୍ଟ, ପ୍ରିୟଙ୍କା ମଣ୍ଡଳ, ବିନତୀ ସାହୁ ଓ ଶିକ୍ଷକ ଅଶୋକ କୁମାର ବେହେରା ପ୍ରମୁଖ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶନ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ସାହିସ୍ତା ପରୱିନ ଧନ୍ୟବାଦ ଦେଇଥିଲେ।

# ଭାରତୀୟ ଚିକିତ୍ସକ ସଂଘ ପକ୍ଷରୁ ଜାତୀୟ ଡାକ୍ତର ଦିବସ

**ବ୍ୟାସନଗର,୪।୭(ସମିସ):** ଜାତୀୟ ଚିକିତ୍ସକ ଦିବସ ଅବସରରେ ଭାରତୀୟ ଚିକିତ୍ସକ ସଂଘ ଯାଜପୁରରୋଡ୍ ପକ୍ଷରୁ ଏକାଧିକ ଜନହିତକର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାତଃ ୮ ଘଟିକା ସମୟରେ ସ୍ଥାନୀୟ ବ୍ୟାସ ସରୋବର ଗୋଶାଳା ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶ୍ରୀସତ୍ୟସାଇ ସେବା ସମିତି ସହଯୋଗରେ ଅନୁଷ୍ଠିତ ହୋଇଥିଲା। ସେବା ସମିତିର ସାଇଭକ୍ତ ଏଥିରେ ସହଯୋଗ କରିଥିଲେ। ଚିକିତ୍ସକ ସଂଘ ସଭାପତି ଡାକ୍ତର ସୁରେନ୍ଦ୍ର କୁମାର ସାହୁ, ସମ୍ପାଦକ ଡାକ୍ତର ଗୌରୀଶଙ୍କର ଷଡ଼ଙ୍ଗୀ, ଡାକ୍ତର ସଦାନନ୍ଦ ମହାନ୍ତି, ଡାକ୍ତର ପ୍ରସନ୍ନ କୁମାର ସାହୁ ଓ ଡାକ୍ତର ରୁଦ୍ରପ୍ରତାପ କର ଯୋଗଦେଇ ଶତାଧିକ ଚାରା ରୋପଣ କରିଥିଲେ। ସକାଳ ୯ ଘଟିକା ସମୟରେ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଂଘ ପକ୍ଷରୁ ଆହୂତ ଏକ ରକ୍ତଦାନ କାର୍ଯ୍ୟକ୍ରମକୁ କଳିଙ୍ଗନଗର ଏଡିଏମ୍ ଲଙ୍କେଶ୍ୱର ଅମାତ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୧ ୟୁନିଟ ରକ୍ତ ସଂଗୃହୀତ ହେଇଥିଲା। ଡାକ୍ତର ବିକାଶ ନାୟକ, ଡାକ୍ତର ଦିବ୍ୟରଞ୍ଜନ ମଳିକ, ଲଙ୍କେଶ୍ୱର ଅମାତଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ରୁଦ୍ରପ୍ରସାଦ ସାହୁ ଓ ସ୍ୱେଚ୍ଛାସେବୀ ନିରାକାର ସେଠୀ, ବିଚିତ୍ରାନନ୍ଦ ମହାନ୍ତି, ଚନ୍ଦନ ବେହେରା, ପାପୁନ ଦାସ, ରବିନ୍ଦ୍ର ତରାଇ, ଶିତେନ୍ଦୁ ମଲ୍ଲିକ, ପ୍ରଦୀପ ବାରିକ, ବିପିନ ବାରିକ ଓ ଦୀପକ ବେହେରା ପ୍ରମୁଖ ରକ୍ତଦାନ କରିଥିଲେ। ବ୍ରାହ୍ମଣୀ ହୋଟେଲରେ ଜାତୀୟ ଚିକିତ୍ସକ ଦିବସ ଉତ୍ସବ ପାଳିତ ହୋଇଥିଲା। ପ୍ରାରମ୍ଭରେ ନିରନ୍ତର ଶିକ୍ଷାଦାନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଉତ୍ସବରେ କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟଅତିଥି ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶିବାଶିଷ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଚିକିତ୍ସକଙ୍କୁ ସେମାନଙ୍କର ଉତ୍ସର୍ଗୀକୃତ ସେବା ନିମନ୍ତେ ଧନ୍ୟବାଦ ଦେବା ସହିତ ସୁଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ବିଧାୟକ ଶ୍ରୀ ଦାସନାୟକ, ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାକ୍ତର ସୁଧାକର ପୃଷ୍ଟିଙ୍କୁ ଆଜୀବନ ସାଧନା ସମ୍ମାନ ଓ ଡାକ୍ତର ସେବନ୍ତି ରାଉଳଙ୍କୁ ନିରନ୍ତର ଶିକ୍ଷାଦାନ କାର୍ଯ୍ୟକ୍ରମ ପାଇଁ ଫଳକ ପ୍ରଦାନ କରାଯାଇଥିଲା। ଉତ୍ସବରେ ସଂଘର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ ୪୦ ଜଣ ଚିକିତ୍ସକ ଭାଗ ନେଇଥିଲେ। ସଭାପତି ଡାକ୍ତର ସୁରେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଡାକ୍ତର ଗୌରୀଶଙ୍କର ଷଡ଼ଙ୍ଗୀ ବିବରଣୀ ପ୍ରଦାନ କରିଥିଲେ।

# ସମାନ କାର୍ଯ୍ୟକୁ ସମାନ ମଜୁରୀ ପାଇଁ ଦାବି କଲା ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ

**ପାରାଦୀପ,୪।୭(ସମିସ) :** ପାରାଦୀପ ବନ୍ଦର ଭାରତର ଅନ୍ୟତମ ଗଭୀର ବନ୍ଦର ତଥା ଓଡ଼ିଶା ରାଜ୍ୟର ପ୍ରମୁଖ ବନ୍ଦର ରୂପେ ପରିଚିତ ଅଟେ। ପାରାଦୀପ ବନ୍ଦର ପ୍ରତିବର୍ଷ ଏହାର ପଣ୍ୟ କାରବାର କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ସୃଷ୍ଟି କରୁଛି। ଏହି ନୂତନ ମାଇଲଖୁଣ୍ଟ ସୃଷ୍ଟି କରିବାରେ ଗତ ୨୦ରୁ ୨୫ ବର୍ଷ ଧରି କାର୍ଯ୍ୟ କରୁଥିବା ସମସ୍ତ ଠିକା କର୍ମଚାରୀ (ଡିଏଲଆର)ଙ୍କ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।ପାରାଦୀପ ବନ୍ଦରରେ କାର୍ଯ୍ୟ କରୁଥିବା ସ୍ଥାୟୀ କର୍ମଚାରୀଙ୍କ ଅବସର ପରେ ଏହି ସଂଖ୍ୟା ହ୍ରାସ ପାଉଥିବା ବେଳେ ସେହି ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ଥାନରେ କେବଳ ଠିକା କର୍ମଚାରୀ (ଡିଏଲଆର) ମାନେ ସେମାନଙ୍କର କାର୍ଯ୍ୟକୁ ସଠିକ୍ ଭାବେ ନିର୍ବାହ କରିଚାଲିଛନ୍ତି।କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ପାରାଦୀପ ବନ୍ଦରରେ ସାରା ଜୀବନ ମୁଣ୍ଡ ଝାଳ ତୁଣ୍ଡେ ମାରି ସମସ୍ତ କାର୍ଯ୍ୟ କରିବା ସତ୍ତ୍ୱେ ସେମାନଙ୍କର ପାରିଶ୍ରମିକ ଅନୁଯାୟୀ ସ୍ୱଳ୍ପ ଦରମାରେ ଠିକା କର୍ମଚାରୀ (ଡିଏଲଆର) ଙ୍କ ଦୈନନ୍ଦିନ ଜୀବନ ଏବଂ ସର୍ବୋପରି ଆଜିର ଦିନରେ ବଜାରର ଅନିୟନ୍ତ୍ରିତ ଦରଦାମ ବୃଦ୍ଧି ଯୋଗୁଁ ପରିବାର ପ୍ରତିପୋଷଣ କରିବା ସେମାନଙ୍କ ପାଇଁ କଷ୍ଟକର ବ୍ୟାପାର ହୋଇପଡ଼ିଛି।ଏହି ବିଷୟକୁ ଅନୁଧ୍ୟାନ କରି କେତେକ ଦାବିକୁ କାର୍ଯ୍ୟକାରୀ କରିବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ନିକଟରେ ଅନୁରୋଧ କରାଯାଇଛି।ସେଗୁଡିକ ମଧ୍ୟରେ ସମସ୍ତ ଠିକା କର୍ମଚାରୀଙ୍କ (ଡିଏଲଆର) ପାଇଁ ଯଥାଶୀଘ୍ର ସମାନ କାର୍ଯ୍ୟକୁ ସମାନ ମଜୁରୀ ପ୍ରଦାନ କରାଯାଉ, ଠିକା କର୍ମଚାରୀ (ଡିଏଲଆର)ଙ୍କୁ ସେମାନଙ୍କ ଅବସର ନେବା ସମୟରେ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉ, ଠିକା କର୍ମଚାରୀ (ଡିଏଲଆର) ଙ୍କୁ ଅବସର ପରେ ଆଉ ୩ ବର୍ଷ ପାଇଁ ନିଜ ଡ୍ୟୁଟିରେ ରହିବାକୁ ଅନୁମତି ପ୍ରଦାନ କରାଯାଉ, ସମସ୍ତ ଠିକା କର୍ମଚାରୀ (ଡିଏଲଆର)ଙ୍କୁ ପିପିଏ କର୍ମଚାରୀଙ୍କ ପରି ସମସ୍ତ ଚିକିତ୍ସା ସୁବିଧା ପ୍ରଦାନ କରାଯାଉ।ଏଣୁ ସ୍ଥାୟୀ କର୍ମଚାରୀଙ୍କ ଅବସର ପରେ ସେହି କାର୍ଯ୍ୟକୁ ସଠିକ୍ ଭାବେ ତୁଲାଉଥିବା ସମସ୍ତ ଠିକା କର୍ମଚାରୀ (ଡିଏଲଆର)ଙ୍କର ଉପରୋକ୍ତ ଦାବିଗୁଡ଼ିକୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ, ଭାରତ ସରକାର,ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ, ଭାରତ ସରକାର, ମୁଖ୍ୟମନ୍ତ୍ରୀ, ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ, ଓଡ଼ିଶା ସରକାର, ସାଂସଦ, ଜଗତସିଂହପୁର, ଓଡ଼ିଶାଙ୍କୁ ଯଥାଶୀଘ୍ର ଅନୁମୋଦନ କରିବା ସହିତ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘର ସଭାପତି ବାପି ସର୍ଖେଲ ଅନୁରୋଧ କରିଛନ୍ତି।

# ପାରାଦୀପ ରୋଟାରୀ କ୍ଲବ୍ ପକ୍ଷରୁ ବନ ମହୋତ୍ସବ

**ପାରାଦୀପ,୪।୭ (ସମିସ) :** ଆଜି ସକଳେ ପାରାଦୀପ ରୋଟାରୀ କ୍ଲବ ଓ ପାରାଦୀପ ଭାରତ ପେଟ୍ରୋଲିୟମର ମିଳିତ ସହଯୋଗରେ ବେଥାନୀ ସ୍କୁଲ ପରିସରରେ ଏକ ବନ ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।ଏହି ଅବସରରେ ଏକ ମେଗା ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେଥାନୀ ସ୍କୁଲର ଅଧ୍ୟକ୍ଷା ଫାଦର ସୁନୀଲ ଲାକ୍ରାଙ୍କ ନେତୃତ୍ୱରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିବା ସହିତ ଚାରା ରୋପଣ କରିଥିଲେ।ଏଥିରେ ମୁଖ୍ୟ ଅତିଥି ଭାବେ ଭାରତ ପେଟ୍ରୋଲିୟମର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶଙ୍କର ନାରାୟଣ ଯୋଗ ଦେଇ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଏତଦବ୍ୟତୀତ ସମ୍ମାନିତ ଅତିଥି ଭାବେ ପାରାଦୀପ ରୋଟାରୀ କ୍ଲବର ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, ବନ୍ଦର କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ, ରୋଟାରୀ କ୍ଲବର ପୂର୍ବତନ ସଭାପତି ଅକ୍ଷୟ ଚନ୍ଦ୍ର ମିଶ୍ର, ସମାଜସେବୀ କୈଳାସ ଚନ୍ଦ୍ର ମହାରଣା, ଏସିକମରସିଆଲର ମୁଖ୍ୟ ଅକ୍ଷୟ କୁମାର ସୁତାର, ହରିହର ଦାସ, ବିପ୍ଳବ କୁମାର ଜେନା ଓ ଭାରତ ପେଟ୍ରୋଲିୟମର ମନୀଷ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ବୃକ୍ଷ ରୋପଣ ଦ୍ୱାରା ପରିବେଶର ସନ୍ତୁଳନ କିପରି ରକ୍ଷା କରାଯାଇ ପାରିବ, ଯାହା ଦ୍ୱାରା ଜୀବ ଜଗତର ମଙ୍ଗଳ ହୋଇପାରିବ ସେ ସମ୍ପର୍କରେ ଅତିଥିମାନେ ନିଜ ନିଜର ମତ ପ୍ରକାଶ କରିଥିଲେ। ଶେଷରେ ସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ମୋନି ଲାଲ ସମସ୍ତ ଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।






■ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ

## ୪,୫୦୦ ଟଙ୍କା ଜରିମାନା ଆଦାୟ

**ତାଳଚେର ସଦର, ୪।୭(ସମିସ):** ତାଳଚେର ଅଞ୍ଚଳରେ ବିଭିନ୍ନ ହୋଟେଲ, ଚା' ଦୋକାନ, ଫାଷ୍ଟଫୁଡ୍, ଜଳଖିଆ ଦୋକାନଗୁଡ଼ିକରେ ଅସ୍ୱାସ୍ଥ୍ୟକର ପରିବେଶ ସହ ଭେଜାଲ ସାମଗ୍ରୀରେ ଖାଦ୍ୟ ପ୍ରସ୍ତୁତ କରି ଗ୍ରାହକମାନଙ୍କୁ ବିକ୍ରି ରାଯାଉଛି। ଏହାକୁ ନେଇ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଆଜି ଖାଦ୍ୟ ନିରାପତ୍ତା ବିଭାଗର ନିଦ୍ରା ଭାଙ୍ଗିଥିବା ଜଣାପଡ଼ିଛି। ଢ଼ାବାବାଠାରୁ ଆରମ୍ଭ କରି ହୋଟେଲ ପର୍ଯ୍ୟନ୍ତ ଖାଦ୍ୟା ନାମରେ ସେମାନେ ବିଷ ବିକୁଛନ୍ତି। ଏହାକୁ ନେଇ ଖାଦ୍ୟ ନିରାପତ୍ତା ବିଭଗ ଆଜି ତାଳଚେର ଠାରୁ ଗୋଡ଼ିବନ୍ଧ ପର୍ଯ୍ୟନ୍ତ ଦୋକାନଗୁଡ଼ିକ ଯାଞ୍ଚକରିବା ସହ ସେମାନଙ୍କଠାରୁ ୪ ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରିଥିବା ଜଣାପଡ଼ିଛି। ଏଠାରେ ପ୍ରକାଶଯୋଗ୍ୟ ଯେ, ଗ୍ରାହକମାନଙ୍କୁ ଆକୃଷ୍ଟ କରିବାକୁ ଢାବା ଠାରୁ ଆରମ୍ଭ କରି ହୋଟେଲ, ଜଳଖିଆ ଦୋକାନୀମାନେ ଖାଦ୍ୟପଦାର୍ଥରେ ବିଭିନ୍ନ ମାରାତ୍ମକ ରାସାୟନିକ ରଙ୍ଗ ମିଶ୍ରଣ କରିବା ସହ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ବାହାନାରେ ବିଭିନ୍ନ ନିମ୍ନମାନର ମସଲା ବ୍ୟବହାର କରିଥାନ୍ତି , ଯାହା ଫଳରେ କି, ଏହି ଖାଦ୍ୟକୁ ଖାଇ ଗ୍ରାହକମାନେ ବିଭିନ୍ନ ରୋଗର ଶିକାର ହୋଇଥାନ୍ତି ବୋଲି ଅଭିଯୋଗ ହୋଇଥାଏ। ଏତିକି ନୁହେଁ, ଏସବୁ ଦୋକାନ ଗୁଡ଼ିକରେ ଅତିନିମ୍ନମାନର ପାନୀୟ ଜଳ ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଇଥାଏ। ତେବେ ଏହା ଉପରେ ବାରମ୍ବାର ଖାଦ୍ୟ ନିରାପତ୍ତା ବିଭାଗ ଚଢ଼ଉ କରି ଦୋକାନୀମାନଙ୍କୁ ସଚେତନ କରାଇବା ନେଇ ସାଧାରଣରେ ଦାବି ହେଉଛି।

କଚ୍ଛପ ଗତିରେ କେନାଲ ନିର୍ମାଣ କାର୍ଯ୍ୟ

# ଚିନ୍ତାରେ ୭ ଗାଁର ଚାଷୀ, ୨୦୦ ଏକର ଜମି ପ୍ରଭାବିତ ହେବା ଆଶଙ୍କା

**ଢେଙ୍କାନାଳ, ୪।୭(ସମିସ)**

ଚଳିତ ବର୍ଷ ଜିଲ୍ଲାରେ ବର୍ଷାର ଅଭାବ ଚାଷୀମାନଙ୍କର ଚିନ୍ତା ବଢ଼ାଇଛି। ଆଷାଢ଼ ମାସ ଶେଷହେବାକୁ ଯାଉଥିବା ବେଳେ ଚାଷୀ ଅପେକ୍ଷା କରିଛି ବର୍ଷାକୁ। ଏପର୍ଯ୍ୟନ୍ତ ବିଲରେ ପଡ଼ିନି ଲଙ୍ଗଳ ଗାର। ଏପରି ପରିସ୍ଥିତିରେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ମରୁଆବିଲି ଗ୍ରାମ ପଞ୍ଚାୟତର ଖରଖରୀ ଆଡ଼ିବନ୍ଧ ଠାରୁ ଗୋଡ଼ିସାହି ଗାଁ ମୁଣ୍ଡ ଯାଏଁ ପ୍ରାୟ ୨ କିଲୋମିଟରର ଏକ ଛୋଟ କେନାଲ ନିର୍ମାଣ ଚାଲିଛି। ଗତ ଜାନୁଆରୀ ମାସଠାରୁ ଏହାର ନିର୍ମାଣ କାର୍ଯ୍ୟ ଚାଲିଥିଲେ ସୁଦ୍ଧା ଦୀର୍ଘ ୬ ମାସ ମଧ୍ୟରେ ମାତ୍ର ଶତକଡ଼ା ୪୦ ଭାଗ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଜଣାପଡ଼ିଛି। ତେବେ ଉକ୍ତ କେନାଲ ଉପରେ ପ୍ରାୟ ୭ ଟି ଗାଁର ୫ ଶହରୁ ଊର୍ଦ୍ଧ୍ୱ ଚାଷୀ ନିର୍ଭର କରି ଚାଷ କାର୍ଯ୍ୟ କରିଥାନ୍ତି। କିନ୍ତୁ କେନାଲ ନିର୍ମାଣରେ ଅହେତୁକ ବିଳମ୍ବ ଏବଂ ବର୍ଷାର ଅଭାବ ଚାଷୀଙ୍କୁ ଚିନ୍ତାରେ



ପକାଇଛି। ଗୋଡ଼ିସାହି ଗାଁର ଚାଷୀମାନଙ୍କ ଅଭିଯୋଗ ଅନୁସାରେ ଠିକାଦାର କେନାଲ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ କରୁଛନ୍ତି ଏବଂ ଆସନ୍ତା ଏକ ସପ୍ତାହ ମଧ୍ୟରେ ଉପର ମୁଣ୍ଡରୁ ଆସୁଥିବା ପାଣି ଅନ୍ୟତ୍ର ବୋହିଯିବାର ଆଶଙ୍କା ଦେଖାଦେଇଛି। ଏହାଦ୍ୱାରା ଗହୀର ବିଲ ଗୁଡିକରେ ଚାଷ ହୋଇ ନପାରିବାର ଆଶଙ୍କା ଦେଖାଦେଇଛି। ତେବେ ପ୍ରାୟ ୨୦୦ ଏକର ଜମି ଏଥିଯୋଗୁଁ ପ୍ରଭାବିତ ହେବ ଏବଂ କେନାଲ କାର୍ଯ୍ୟ ଚାଲିଥିବାରୁ ଧାନ ବିଲଗୁଡିକରେ ବାଲି, ଚିପ୍ସ ଏବଂ ମେଣ୍ଟାଲ ପଡ଼ିଥିବାରୁ ଚାଷୀଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି। ମେଣ୍ଟାଲ ଆଉ ଚିପ୍ସ ପଡ଼ିଥିବା ବିଲଗୁଡିକରେ ଚାଷୀ ହଳ କରିବାରେ ଅସୁବିଧା ହେଉଛି। ଏହା ଦ୍ୱାରା ବିଲର ଉର୍ବରତା ନଷ୍ଟ ହେବାର ଆଶଙ୍କା ପ୍ରକଟ କରିଛି। ଯଦି ଆଉ ଦିନେ ଦୁଇଦିନ ମଧ୍ୟରେ କେନାଲ କାର୍ଯ୍ୟ ଶେଷ ନହୁଏ, ତେବେ ସମୁଦାୟ ଚାଷୀ ଚଳିତବର୍ଷ ଧାନଚାଷ କରିପାରିବେ ନାହିଁ ବୋଲି ଅଭିଯୋଗ କରିଛନ୍ତି।

ବାଘ ଛାଲ ଜବତ ଘଟଣା

## ଗିରଫ ୨ ବ୍ୟବସାୟୀଙ୍କୁ ରିମାଣ୍ଡରେ ନେଲା ବନବିଭାଗ

**ଅନୁଗୋଳ, ୪। ୭(ସମିସ ):** ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ରେଞ୍ଜ ଫୁଲଝରୀ ନିକଟରୁ ବାଘ ଛାଲ ଜବତ ଘଟଣାରେ ୨ ବ୍ୟବସାୟୀଙ୍କୁ ରିମାଣ୍ଡରେ ଆଣିଛି ବନ ବିଭାଗ। ସୂଚନା ମୁତାବକ, ଗତ ୧୯ ତାରିଖରେ ବାଘ ଛାଲ କିଣାବିକା ସମୟରେ ବନ ବିଭାଗ ଚଢ଼ଉ କରି କଲରା ପତରିଆ ବାଘର ଛାଲ ଓ ନଖକୁ ଜବତ କରିଥିଲା। ଏହି ମାମଲାରେ ହାଣ୍ଡିଗୁଡ଼ା ଗ୍ରାମର ଟିକନ ଗୋଛାୟତ ଓ ବସନ୍ତପୁର ପଞ୍ଚାୟତ ଧଉରାଖମଣ ଗ୍ରାମର ଯୁଗଳ ନାଏକଙ୍କୁ ଗିରଫ କରିଥିଲା ବନବିଭାଗ ଟିମ୍। ବାଘ ଛାଲ ଧରି ଦୁହେଁ ବିକ୍ରି ପାଇଁ ଫୁଲଝରୀ ଛକ ନିକଟରେ ଅପେକ୍ଷାରେ ଥିବା ବେଳେ ବନ କର୍ମଚାରୀ



ଦୁହିଁଙ୍କୁ ମାଡ଼ି ବସିଥିଲେ। ତେବେ ବାଘ ଛାଲ ଓ ନଖ କାହାକୁ ବିକ୍ରି କରିଥାନ୍ତେ, ଏହି ଶିକାରରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି, ଏ ସବୁ ତମାମ ପ୍ରଶ୍ନର ଉତ୍ତର ପାଇଁ ବନବିଭାଗ ପକ୍ଷରୁ ଦୁହିଁଙ୍କୁ ରିମାଣ୍ଡରେ ଅଣାଯାଇ ତଦନ୍ତ ଆରମ୍ଭ ହୋଇଛି।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ



**କାମାକ୍ଷାନଗର, ୪।୭(ସମିସ) :** କାମାକ୍ଷାନଗର ତାଲୁକ ଆଇନ ସେବା କମିଟି ଓ ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗର ମିଳିତ ଆନୁକୂଲ୍ୟରେ ବନମହୋତ୍ସବ ସପ୍ତାହ ପାଳନ କରାଯାଇଛି। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରାଯାଇ ଏହି ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ କାମାକ୍ଷାନଗର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମଧୁମିତା ମହାନ୍ତି, ଏସଡିଜେଏମ ଏମଏସ ନିଲୋଫର, ପଶ୍ଚିମାଞ୍ଚଳ ରେଞ୍ଜର କୈଳାସ ଚନ୍ଦ୍ରସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୋଧ ମହାପାତ୍ର, ଅଶେଷ କୁମାର ମାର୍ଥା, ସ୍ମିତାଞ୍ଜଳି ସାମଲ, ଭାରତୀ ପରିଡ଼ା, ଅମିତା ଘଡେଇ, ବିଷୟବତୀ ମହାନ୍ତି, କୈକେୟୀ ଦେହୁରୀ, ପୂଜା ସାମନ୍ତରାୟ, ଓ କର୍ମଚାରୀ ନାରାୟଣ ବାରିକ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ଚତୁଃପାର୍ଶ୍ୱରେ ଆମ୍ବ, ପିଜୁଳି, ଲିଚୁ ପ୍ରଭୃତି ବୃକ୍ଷରୋପଣ କରାଯିବା ସହ ବର୍ତ୍ତମାନ ସମାଜରେ ବୃକ୍ଷରୋପଣର ମହତ୍ୱ ଉପରେ ଉପସ୍ଥିତ ଅତିଥିମାନେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ସହ ସମସ୍ତେ ଆଗାମୀ ଦିନରେ ନିଶ୍ଚୟ ଗୋଟିଏ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଲିଗାଲ ଲିଟ୍ରେସି କ୍ଲବର ଭାରପ୍ରାପ୍ତ ଅଧିକାରୀ ତଥା ଶିକ୍ଷକ ଦୁର୍ଗାପ୍ରସାଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଟାରୀ ରୟାଲର ବନ ମହୋତ୍ସବ

**ଅନୁଗୋଳ ସହର, ୪।୭(ସମିସ):** ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ରୋଟାରୀ କ୍ଲବ ଅନୁଗୋଳ ରୟାଲ ତରଫରୁ ଟାଉନ ହାଇସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ସବୁଜ ବଳୟର ସୁରକ୍ଷା ଏବେ ବିଶ୍ୱ ସମୁଦାୟର ପ୍ରମୁଖ ଚିନ୍ତାର କାରଣ ହୋଇଯାଇଛି। ଏଥିରୁ ମୁକୁଳିବାର ଏକମାତ୍ର ଉପାୟ ହେଉଛି ବ୍ୟାପକ ବନୀକରଣ। ଗଛର ଫୁଲ, ଫଳ, ପତ୍ର, ଚେର ମଣିଷର ନିତ୍ୟ ବ୍ୟବହାର କାର୍ଯ୍ୟରେ ଲାଗେ। ତେଣୁ ଗଛକୁ ଜୀବନ ଭାବି ଏହାକୁ ସୁରକ୍ଷା ଦେବା ଆବଶ୍ୟକ ବୋଲି ସମ୍ପାଦିକା ବାଣୀ ଦେବ କହିଥିଲେ। ସଭାପତି ମଧୁ ଗୁପ୍ତା ସମସ୍ତଙ୍କୁ ନିଜ ଦୈନନ୍ଦିନ ଜୀବନରେ ଗଛ ଲଗାଇବା ପାଇଁ ଅନୁରୋଧ କରିବା ସହିତ ବୃକ୍ଷ ବଞ୍ଚିଲେ ସମସ୍ତେ ବଞ୍ଚିବା ଏବଂ ପରିବେଶ ସୁରକ୍ଷିତ ରହିବ ବୋଲି କହିଥିଲେ। ଡ. ସୌମ୍ୟକାନ୍ତ ବିଶୋଇ, ଅମ୍ବିକା ପ୍ରସାଦ ସାହୁ, ଡ. ମାଇକେଲ ଜନ, ମୁରାରୀ ଲାଲ ଅଗ୍ରୱାଲ, ମିଳନ କୁମାର ଅଗ୍ରୱାଲ, ରାଜେଶ ସାରଲିଆ ପ୍ରମୁଖ ଚାରାରୋପଣରେ ସହାୟତା କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନଶିକ୍ଷକ ଅଶୋକ ପ୍ରଧାନଙ୍କ ସହିତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ମିଳନ କୁମାର ଅଗ୍ରୱାଲ ଧନ୍ୟବାଦ ଜ୍ଞାପନ କରିଥିଲେ।

## କୋଇଲା ଖଣିରେ ଚୋରକୁ ଜଗିବ ସିସି କ୍ୟାମେରା

**ତାଳଚେର ସଦର, ୪।୭(ସମିସ):** ତାଳଚେର ଅଞ୍ଚଳରେ ରହିଥିବା ସମସ୍ତ କୋଇଲା ଖଣିରେ ବ୍ୟାପକ କୋଇଲା ସମେତ ବଡ଼ ବଡ଼ ଗାଡ଼ିରୁ ଡିଜେଲ, ମୋବିଲ୍, ଯନ୍ତ୍ରାଂଶ ଇତ୍ୟାଦି ଚୋରି ହେଉଥିବା ଘଟଣାକୁ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏଥିରେ ସୁଧାର ନଆସିବାରୁ ଏମସିଏଲ୍ ପକ୍ଷରୁ ସମସ୍ତ କୋଇଲା ଖଣିରେ ସିସି କ୍ୟାମେରା ଲଗାଇବାର ବ୍ୟବସ୍ଥା କରାଯାଇଛି। ତାଳଚେରରେ ରହିଥିବା ଲିଙ୍ଗରାଜ, ଅନନ୍ତ, ଭୁବନେଶ୍ୱରୀ, ଭରତପୁର, ଜଗନ୍ନାଥ, ହିଙ୍ଗୁଳା, ବଳରାମ ଓ କଣିହାଁ କୋଇଲା ଖଣି ଗୁଡ଼ିକର ସମସ୍ତ କୋଲ୍ କରିଡର ରାସ୍ତା ସହିତ କୋଇଲା ଖଣିର ମୁଖ୍ୟଦ୍ୱାରା ଟାଇମ ଅଫିସ୍ ଏବଂ ଲୋଡିଂ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସିସି କ୍ୟାମେରା ଖଞ୍ଜାଯିବ। ଏହି କ୍ୟାମେରା ଗୁଡ଼ିକର ସଂଯୋଗ ପ୍ରତି ଖଣିର ପ୍ରକଳ୍ପ ଅଧିକାରୀ ଓ ଖଣି ମହାପ୍ରବନ୍ଧକ କାର୍ଯ୍ୟାଳୟରେ ରହିବ। ଯାହା ଫଳରେ ଏ ସମସ୍ତ ଘଟଣାର ବିବରଣୀ ଉଚ୍ଚ ପଦାଧିକାରୀ ସିସି କ୍ୟାମେରା ମାଧ୍ୟମରେ ଦେଖି ସମସ୍ତ ଖଣି ଉପରେ ତୀକ୍ଷ୍ଣ ଦୃଷ୍ଟି ରହିବ। ତାଳଚେରରେ ରହିଥିବା ସମସ୍ତ କୋଇଲା ଖଣି ଗୁଡ଼ିକରୁ ଦିନକୁ ଦିନ କୋଇଲା ଚୋରି ସମେତ ଫାଷ୍ଟକମ ଫାଷ୍ଟ ସର୍ଭିସ୍ ନିୟମ ଉଲ୍ଲଙ୍ଘନ କରାଯାଉଥିବା ଅଭିଯୋଗ ହେଉଛି। କ୍ୟାମେରା ଲାଗିବା ଦ୍ୱାରା ଫାଷ୍ଟକମ ଫାଷ୍ଟ ସର୍ଭିସ୍ ନିୟମ ଉଲ୍ଲଙ୍ଘନ କରୁଥିବା ଟ୍ରକ ଚଳାକ ଏବଂ ମାଲିକମାନେ ସିଧାସଳଖ ଏହା ଯୋଗୁଁ ଚିହ୍ନଟ ହୋଇପାରିବେ। ଖଣିର ବିଭିନ୍ନ କାର୍ଯ୍ୟରତ ଗାଡ଼ି ଗୁଡ଼ିକରୁ ଓ ଲାଗିଥିବା ବିଭିନ୍ନ ଉଚ୍ଚ କ୍ଷମତାସମ୍ପନ୍ନ ମେସିନ୍ ଗୁଡ଼ିକରୁ ହଜାର ହଜାର ଲିଟର ଡିଜେଲ, ମୋବିଲ୍ ଓ ଯନ୍ତ୍ରାଂଶ ଚୋରି ହେଉଥିଲା। ଅନେକ ସମୟରେ ଅନେକ ମାମଲା ଏମସିଏଲ ପକ୍ଷରୁ ଥାନରେ ରୁଜୁ ହେବା ସହିତ କେତେକ ସୁରକ୍ଷା କର୍ମଚାରୀ ବନ୍ଧା ହୋଇଥିବା ନଜିର୍ ରହିଛି। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଖଣି ମୁଖ୍ୟାଳୟ ଏବଂ ତାଳଚେର ଅଞ୍ଚଳର ସମସ୍ତ କୋଇଲା ଖଣି କର୍ତ୍ତୃପକ୍ଷଙ୍କ ନେତୃତ୍ୱରେ ଚାଲିବ। ଏହି ସିସି କ୍ୟାମେରା ଅଗାମୀ ୧୫ତାରିଖ ସୁଦ୍ଧା ଲଗାଯିବ ବୋଲି ଜଣାପଡ଼ିଛି।

● ପବିତ୍ରନଗର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ କଲେ ବିଧାୟକ

## ଉତ୍ତମ ଚିକିତ୍ସା ସୁବିଧା ଯୋଗାଇଦେବାକୁ ପରାମର୍ଶ



**କଣିହାଁ,୪।୭(ସମିସ):** କଣିହା ବ୍ଲକ ପବିତ୍ର ନଗର ଅଞ୍ଚଳକୁ ଗୁରୁବାର ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଗସ୍ତ କରିଥିଲେ। ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟାକୁ ନେଇ ଜନସାଧାରଣଙ୍କୁ ପଚାରି ବୁଝିବା ସହିତ ପବିତ୍ରନଗର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଡାକ୍ତର କର୍ମଚାରୀଙ୍କ ସହିତ ସ୍ୱାସ୍ଥ୍ୟ କେନ୍ଦ୍ରର ସୁବିଧା ଅସୁବିଧାକୁ ନେଇ ଆଲୋଚନା କରିଥିଲେ। ଖୁବଶୀଘ୍ର ନୂତନ ସରକାର ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟା ପର୍ଯ୍ୟାୟ କ୍ରମେ ସମାଧନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାବାଦ୍ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କର୍ମଚାରୀକୁ ପରାମର୍ଶ ଦେଇଥିଲେ। ଡାକ୍ତର ଆର୍ ଏସ୍ ଶୁଭ୍ରଜିତ, ନିହାର ରଞ୍ଜନ ପ୍ରଧାନଙ୍କ ସହିତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**କଣିହାଁ,୪।୭(ସମିସ):** କଣିହା ବ୍ଲକ ସାମଲ ଥାନା ସିପୁର ଗ୍ରାମର ଚିଙ୍ଗରି ଗୋଛାୟତ (୫୦)ବୁଧବାର ରାତ୍ରିରେ ବାଇକ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ସେ ଏକ ଗରିବ ପରିବାରର ହୋଇଥିବା ବେଳେ ତାଙ୍କ ମୃତ୍ୟୁକୁ ନେଇ କ୍ଷତିପୂରଣ ସହାୟତା ସରକାର ଯୋଗାଇଦେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି। ସୂଚନାରୁ ଜଣାଯାଏ ଯେ, ଚିଙ୍ଗରି ଘରକୁ ଫେରୁଥିବା ବେଳେ କର୍ଣ୍ଣପାଳ ଗ୍ରାମର ପଞ୍ଚାୟତ ଅଫିସ୍ ନିକଟରେ ଅନ୍ୟ ଏକ ବାଇକ୍ ଧକ୍କାରେ ଦୁର୍ଘଟଣା ଗସ୍ତ ହୋଇଥିଲେ। ଏନେଇ ସମଲ ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି।

## ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ

**ପାଲଲହଡ଼ା,୪।୭ (ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡର ବିଶିଷ୍ଟ ବ୍ୟବସାୟୀ ବାବାଜି ସାହୁଙ୍କ ଗୁରୁବାର ସଂଧ୍ୟାରେ ପରଲୋକ ଘଟିଛି। ଶ୍ରୀଯୁକ୍ତ ସାହୁ ଦୀର୍ଘ ଦୁଇମାସ ଧରି ଗୁରୁତର ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେ ପାଲଲହଡ଼ା ଅଞ୍ଚଳର ଜଣେ ବରିଷ୍ଠ ବ୍ୟବସାୟୀ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଆଭାସୀ ଆଲୋଚନାଚକ୍ର

**ତାଳଚେର ସଦର, ୪।୭(ସମିସ):** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ବିଚାରଧାର ଶାଖା ପକ୍ଷରୁ ୪୬ତମ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ଶାଖା ସଭାପତି ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଆଲୋଚକ ଭାବରେ ନାଲକୋର ଅବସରପ୍ରାପ୍ତ ସହ ପ୍ରବନ୍ଧକ ଇଂ.ମହେଶ୍ୱର ସ୍ୱାଇଁ 'ଠାକୁର ଶ୍ରୀ ନିଗମାନନ୍ଦ ପରମହଂସଙ୍କ ଜୀବନ ଓ ଦର୍ଶନ' ଶୀର୍ଷକ ଆଭାସୀ ଆଲୋଚନାଚକ୍ରରେ ଯୋଗଦେଇ ଠାକୁର ନିଗମାନନ୍ଦ ସରସ୍ୱତୀଙ୍କ ସାମଗ୍ରିକ ଜୀବନ ଓ ଦର୍ଶନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବଟକୃଷ୍ଣ ତ୍ରିପାଠୀ ଓଁକାର ବନ୍ଦନା କରିଥିବା ବେଳେ ଅନୀତା ପାଣି କାର୍ଯ୍ୟକ୍ରମକୁ ସଂଯୋଜନା କରିଥଲେ। ଲୋକ ସଂସଦର ସଂଚାର ଓ ସମନ୍ୱୟ ସଦସ୍ୟ ବିଭୂତି ଭୂଷଣ ସ୍ୱାଇଁ ବିବେକାନନ୍ଦଙ୍କ ଦିବ୍ୟବାଣୀ ପାଠ କରିଥିବା ବେଳେ ଅଧ୍ୟାପକ ନରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସଂଜିତା ତ୍ରିପାଠୀ ଶାନ୍ତିପାଠ କରିଥିଲେ। ଏହି ପାଠ୍ୟଚକ୍ରରେ ବିବେକାନନ୍ଦ ଲୋକ ସଂସଦ ଅନୁଗୋଳ ଶାଖା ଉପସଭାପତି ପ୍ରତାପ କୁମାର ତ୍ରିପାଠୀ, ସଂପାଦକ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାହୁ, ବିପିନ ଶତପଥୀ, ଡ.ଜୟପ୍ରକାଶ ମିଶ୍ର, ପ୍ରଭାତ ନଳିନୀ ଦାସ, ସଂକର୍ଷଣ ଶତପଥୀ, ଶରତ ଚୌଧୁରୀ, ଅଭୟ ସୁତାର, ଉଷାରାଣୀ ମିଶ୍ର, ବିବେକାନନ୍ଦ ଠାକୁର, ରାଜୀବ ପାଣି, ସୁବାସ ମେହେର, ହାଡ଼ିବନ୍ଧୁ ପାଣିଗ୍ରାହୀ, ତାରିଣୀସେନ ନାୟକ, ସୁଜାତା ଉଦଗାତା, ଚିନ୍ତାମଣି ମହାକୁଡ଼, ବିଜୟ କୁମାର ସାହୁ, କାନନବାଳା ମିଶ୍ରଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ସଦସ୍ୟ, ସଦସ୍ୟା ଯୋଗ ଦେଇଥିଲେ।

## ବାଲିଝାଟି ବିଦ୍ୟାଳୟରୁ ଚୋରି

**ଭୁବନ, ୪।୭(ସମିସ) :** ଭୁବନ ବ୍ଲକ ସ୍ଥିତ ବାଲିଝାଟି ବିଦ୍ୟାଳୟର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ୬୫ ଇଞ୍ଚର ଏଲିଡି ସହ ୨୦ କେଜି ମଧ୍ୟାହ୍ନଭୋଜନ ଚାଉଳ ଲୁଟ୍ କରିନେଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ ନାୟକ ଏ ନେଇ ଭୁବନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

**ଢେଙ୍କାନାଳ, ୪।୭(ସମିସ)**

ମୌସୁମୀ ଋତୁରେ ଶ୍ରମିକ, ଡ୍ରାଇଭର, କର୍ମଚାରୀ ଓ ଗୋଷ୍ଠୀର ସୁରକ୍ଷା ବଢ଼ାଇବା ପାଇଁ ଟାଟା ଷ୍ଟିଲ ମେରାମଣ୍ଡଳୀର ସୁରକ୍ଷା ବିଭାଗ ପକ୍ଷରୁ ଢେଙ୍କାନାଳ ପୁଲିସ ସହଯୋଗରେ ମୌସୁମୀ ସଡ଼କ ଓ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ୫୫ ନଂ. ଜାତୀୟ ରାଜପଥ ନିକଟରେ ଥିବା ଟିଏସ୍ଏମ୍ ମୁଖ୍ୟ ଫାଟକରେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ମୌସୁମୀ ଋତୁରେ ସଡ଼କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ବ୍ୟବସ୍ଥାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ ଅଟେ। ବର୍ଷାଦିନେ ପ୍ରବଳ ବର୍ଷା ଯୋଗୁ ରାସ୍ତାଘାଟ ଅଧିକ ବିପଜ୍ଜନକ ହେବା ସହ ଦୁର୍ଘଟଣାର ସମ୍ଭାବନା ବଢ଼ିଥାଏ, ତେଣୁ ସଚେତନତା ସୃଷ୍ଟିକରିବା ଜରୁରୀ। ଟାଟା ଷ୍ଟିଲ କଳିଙ୍ଗନଗର ଓ ଟିଏସଏମର ସୁରକ୍ଷା ବିଭାଗ ଚିଫ୍ ପ୍ରକାଶ ସଞ୍ଜୟ, ଟିଏସଏମର ନିରାପତ୍ତା ବିଭାଗ ଚିଫ୍ ବିକାସ ଏନ ଗାଏକୱାଡ, ମୋଟଙ୍ଗାର ଇନସ୍ପେକ୍ଟର ଇନଚାର୍ଜ ଜିତେନ୍ଦ୍ର ମଲ୍ଲିକ, କଣ୍ଟାବଣିଆ ଭାରପ୍ରାପ୍ତ ଅଧିକାରୀ ଟିଏ ଖାନ, ଢେଙ୍କାନାଳ ହାଇୱେ ପାଟ୍ରୋଲିଂ ପ୍ରଭାରୀ ବସନ୍ତ କୁମାର ଦାସ, ହିନ୍ଦୋଳ ଜୋନ ୧ ର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଧର୍ମାନନ୍ଦ ସେନାପତି ଓ ଟିଏସଏମର ସୁରକ୍ଷା ବିଭାଗ ହେଡ ଅଭିଷେକ ଶର୍ମାଙ୍କ ଉପସ୍ଥିତିରେ ଏହି ଅଭିଯାନର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଥିଲା। ଏହି ଅଭିଯାନରେ ଡ୍ରାଇଭର, ଯାତ୍ରୀ ଏବଂ ଶ୍ରମିକମାନଙ୍କ ମଧ୍ୟରେ ସଚେତନତା




ଅଭିଯାନ ସହିତ ସୁରକ୍ଷା ଲିଫ୍ଲେଟ୍ ବଣ୍ଟନ ଏବଂ ଏକ ନୁକଡ ନାଟକ ଭଳି ବିଭିନ୍ନ ପଦକ୍ଷେପ ଅନ୍ତର୍ଭୁକ୍ତ ଥିଲା। ମୌସୁମୀ ଋତୁରେ ଯାନବାହନ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାର ଗୁରୁତ୍ୱ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ଏହି ନୁକଡ ନାଟକର ଉଦ୍ଦେଶ୍ୟ ଥିଲା। ଏହି ନାଟକରେ ବିଭିନ୍ନ ଦୃଶ୍ୟକୁ ଦକ୍ଷତାର ସହ ଚିତ୍ରଣ କରାଯାଇଥିଲା, ଯେଉଁଥିରେ ସୁରକ୍ଷିତ ଡ୍ରାଇଭିଂ, ଉପଯୁକ୍ତ ଗାଡି ଫିଟନେସ୍ ବଜାୟ ରଖିବା ଏବଂ ମୌସୁମୀ ସମୟରେ ଅନ୍ୟ ଗାଡିଠାରୁ ସୁରକ୍ଷିତ ଦୂରତା ରଖିବା ଇତ୍ୟାଦି ସୁରକ୍ଷା ସମ୍ବନ୍ଧୀୟ ବିଷୟ ବସ୍ତୁ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅଭିଯାନ ଦ୍ୱାରା ମୌସୁମୀ ସମ୍ବନ୍ଧୀୟ ସଡ଼କ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ବିଷୟ ଉପରେ ସଚେତନତା ସୃଷ୍ଟି ଜାରି ରହିବ। ଏହାବ୍ୟତୀତ ସାପ କାମୁଡ଼ା, ଡେଙ୍ଗୁ, ମ୍ୟାଲେରିଆ ଓ ଜଳବାହିତ ରୋଗ ଭଳି ମୌସୁମୀ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଏହି ସବୁ ସମସ୍ୟାରୁ କିପରି ସୁରକ୍ଷିତ ରହିହେବ ସେ ନେଇ ଏହି ଅଭିଯାନରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ଅଭିଯାନ ଟିଏସଏମର ପରିଚାଳନା ଏବଂ ଗୋଷ୍ଠୀର ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ନିରନ୍ତର ପ୍ରୟାସର ଏକ ଅଂଶ ଅଟେ।

## ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ

**ଅନୁଗୋଳ ସହର, ୪।୭(ସମିସ):** ଅନୁଗୋଳ ସହର ନିକଟ ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟ ଠାରେ ୭୫ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଏବଂ ସାମାଜିକ ଅନୁଷ୍ଠାନ 'ସାଥୀ ପରିବାର'ର ମିଳିତ ସହଯୋଗରେ ବୃକ୍ଷରୋପଣ ସହ ସଚେତନତା ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୀର୍ତ୍ତନ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷକ ମଦନମୋହନ ନନ୍ଦ, କ୍ରୀଡ଼ା ଶିକ୍ଷକ ଉଗ୍ରେସନ ପ୍ରଧାନ, ସାଥୀ ପରିବାରର ଉପାଧ୍ୟକ୍ଷ ଶୁଭେନ୍ଦୁ ସାହୁ, ସହ ସମ୍ପାଦକ ଦିଲ୍ଲୀପ କୁମାର ସାହୁ ଏବଂ ସମ୍ବିତ କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଓ ଏହାର ନିରାକରଣ, ସବୁଜ ପୃଥିବୀ ପାଇଁ ବୃକ୍ଷରୋପଣ ଅପରିହାର୍ଯ୍ୟ ଏବଂ ପ୍ରକୃତିକୁ ଚାପ ନପଡିବା ଭଳି ପରିବେଶ ଅନୁକୂଳ ଅଭ୍ୟାସକୁ ଆପଣେଇବା ସମ୍ବନ୍ଧରେ ସୂଚନା ଦେବା ସହ ଏ ଦିଗରେ ସଚେତନ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।




ସଚେତନତା ସଭା ପରେ ଛାତ୍ରଛାତ୍ରୀ, ସ୍କୁଲ ଶିକ୍ଷକଗଣ ଏବଂ ସାଥୀ ପରିବାର ସଦସ୍ୟମାନେ ମିଶି ସ୍କୁଲ ପରିସରରେ ଆମ୍ବ, ଅଁଳା, ବେଲ, ଅଶୋକ ଓ ବିଭିନ୍ନ ପ୍ରକାର ଫୁଲ ଚାରା ଆଦି ରୋପଣ କରିଥିଲେ। ନିଜ ନିଜ ଘର ବାଡ଼ିରେ ଓ ଖୋଲା ଜାଗାରେ ବୃକ୍ଷରୋପଣ କରି ତାହାର ଯତ୍ନ ନେବାକୁ ପ୍ରଧାନ ଶିକ୍ଷକ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଯବାନଙ୍କ ଗାଁ ଭୂଇଁପୁରରେ ପାନୀୟଜଳ ସଙ୍କଟ

# ପାଣି ପାଇଁ ମହିଳାଙ୍କ ଲମ୍ବାଲାଇନ୍

ଢେଙ୍କାନାଳ, ୪।୭ (ସମିସ)



ସଦର ବ୍ଲକ ଅନ୍ତର୍ଗତ ଯବାନଙ୍କ ଗ୍ରାମ ଭୂଇଁପୁର ଗ୍ରାମରେ ଉତ୍କଟ ପାନୀୟଜଳ ସମସ୍ୟାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପାନୀୟ ଜଳ ପାଇଁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସରକାରଙ୍କ ତରଫରୁ ଲଗାଯାଇଥିବା ସୋଲାର ସିଷ୍ଟମରେ ଯେତିକି ପାଣି ଆସୁଛି, ତାହା ଗ୍ରାମବାସୀଙ୍କ ପାଇଁ ଯଥେଷ୍ଟ ହେଉନାହିଁ । ଗ୍ରାମବାସୀଙ୍କ ପାଇଁ ତୁରନ୍ତ ପାନୀୟ ଜଳ ସମସ୍ୟା ଦୂର କରିବାକୁ ଦାବି କରାଯାଇଛି ।

ସଦର ବ୍ଲକ ବର୍ଣ୍ଣସିଂହ ପଞ୍ଚାୟତର ଭୂଇଁପୁର ଗ୍ରାମ ଯେଉଁଠି ଶତାଧିକ ଲୋକ ଏବେ ଦେଶ ମାତୃକାର ସେବା ପାଇଁ ଜୀବନକୁ ବାଜି ଲଗାଇ ଦେଶର ସୀମାରେ ନିୟୋଜିତ ଅଛନ୍ତି । ଏହି ଗ୍ରାମରେ ପ୍ରାୟ ୫ଶହରୁ ଅଧିକ ଲୋକ ବସବାସ କରୁଥିବା ବେଳେ ପାନୀୟ ଜଳସଙ୍କଟ ସବୁ ଦୁଃଖଠାରୁ ବଳିଯାଇଛି । ଦୁଃଖ ଏବଂ ପରିତାପର ବିଷୟ ସେହି ଯବାନଙ୍କ ଗାଁରେ ଜଳକଷ୍ଟ ବଡ଼ ସମସ୍ୟା ହୋଇଛି । ଗାଁରେ ପିଇବା ପାଣି ପାଇଁ ଡହକବିକଳ ହେଉଛନ୍ତି ୫ଶହରୁ ଅଧିକ ପରିବାର । ପାନୀୟଜଳ ଅଭାବକୁ ନେଇ ମହିଳାମାନଙ୍କ ଭିତରେ ପ୍ରତିଦିନ ପ୍ରତିଯୋଗିତା ଚାଲିଛି । କିଏ ଗରା ମାଠିଆ ଧରି ପାଣି ପାଇଁ ଚାତକ ଭଳି ଅନାଇ ବସିଛନ୍ତି ତ ଆଉ କିଏ ହାଣ୍ଡି ଡେକଚି ଧରି ଜମି ରହିଛନ୍ତି । ଜଣକ ପାଳି ପରେ ଆଉଜଣେ । ସବୁଠାରୁ ବଡ଼ କଥା ହେଉଛି, ଏହି ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳର ଉତ୍ସ କହିଲେ କେବଳ ସୋଲାର ସିଷ୍ଟମ ପ୍ରୋଜେକ୍ଟ । ଖରାହେଲେ ସୋଲାରରେ ପାଣି ଆସେ ପାଗ ଖରାପ ହେଲେ ଛାଇ କିମ୍ବା ବର୍ଷା ପାଗ ହେଲେ ସେଦିନ କାହା ଘରେ ଚୁଲି ଜଳେ ତ ଆଉ ଘରେ ରୋଷେଇ ବନ୍ଦ । ପାନୀୟ ଜଳର ଏମିତି ଘୋର ସମସ୍ୟା ଦେଇ ଗତି କରୁଛନ୍ତି ଏହି ଗାଁର ବାସିନ୍ଦା । ଏନେଇ ପୂର୍ବରୁ ବାରମ୍ବାର ସ୍ଥାନୀୟ ଲୋକପ୍ରତିନିଧି, ଜିଲ୍ଲା ପ୍ରଶାସନ ନିକଟରେ ଆପତ୍ତି ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି ଏଥିପ୍ରତି ଧ୍ୟାନଦେଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମର ୱାର୍ଡମେମ୍ବର ରୁବିନା ସାମଲଙ୍କ କହିବା ଅନୁସାରେ ଭୂଇଁପୁର ଗାଁରେ ଦୁଇଟି ନଳକୂପ ରହିଛି । ସେଥିରୁ ଗୋଟିଏ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିରହିଥିବା ବେଳେ ଆଉ ଗୋଟିଏରେ ଯେଉଁ ପାଣି ବାହାରୁଛି ତାହା ପିଇବା ପାଇଁ ଉପଯୁକ୍ତ ନୁହଁ । ଏହି ପାଣି ପିଇ କିଛି ଲୋକ ରୋଗାକ୍ରାନ୍ତ ହୋଇଥିବା ବି ଅଭିଯୋଗ କରିଛନ୍ତି ଗ୍ରାମବାସୀ । ସୋଲାର ସିଷ୍ଟମରୁ ଯେଉଁଦିନ ପାଣି ନ ଆସୁଛି, ଗ୍ରାମର ମହିଳାମାନେ ଦୀର୍ଘ ୧ କିଲୋମିଟରରୁ ଅଧିକ ବାଟ ଚାଲିଚାଲି ଯାଇ ଅନ୍ୟ ଗାଁରୁ ପାଣି ନେଇଆସୁଥିବା କହିଛନ୍ତି । ମେଗା ୱାଟର ପ୍ରୋଜେକ୍ଟରେ ପାଣି ଆସିବ ଆସିବ ବୋଲି ଏହା ଭିତରେ ଦୀର୍ଘ ବର୍ଷ ବିତିଗଲାଣି । ହେଲେ ନା ମେଗା ୱାଟର ପ୍ରୋଜେକ୍ଟରେ ପାଣି ଆସୁଛି ନା ଅନ୍ୟ କୌଣସି ସୁବିଧା କରାଯାଉଛି । ସରକାର ପରିବର୍ତ୍ତନ ହେବା ପରେ ଏବେ ନୂତନ ସରକାର ଏ ଦିଗରେ କ'ଣ ପଦକ୍ଷେପ ନେଉଛନ୍ତି ତାକୁ ହିଁ ଅପେକ୍ଷା ରହିଛି । ଏନେଇ ନୂତନ ସରକାରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ନେଇ ମେଗା ୱାଟର ପ୍ରୋଜେକ୍ଟ ବାବଦରେ ସମୀକ୍ଷା କରିଛନ୍ତି । ଯେପରି ଶୀଘ୍ର ସମ୍ଭବ ସବୁ ଗାଁକୁ ପାନୀୟ ଜଳ ଯୋଗାଣ କରିବାକୁ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପାତ୍ର ପ୍ରକାଶ କରିଛନ୍ତି ।

## ମହାବିରୋଡ଼ ଗ୍ରାମରେ ହାତୀ ଉତ୍ପାତ



**କାମାକ୍ଷାନଗର,୪।୭ (ସମିସ) :** କଙ୍କଡାହାଡ଼ ବ୍ଲକ ମହାବିରୋଡ଼ ଗ୍ରାମରେ ହାତୀ ଉତ୍ପାତ ଯୋଗୁ ବ୍ୟାପକ କଦଳୀ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି । ଗତକାଲି ବିଳମ୍ବିତ ରାତିରେ ଏକ ହାତୀ ପଲ ଏହି କଦଳୀ ବଗିଚାରେ ପ୍ରବେଶ କରି ବ୍ୟାପକ ଫସଲ ସହ କଦଳୀ ଗଛକୁ ଦଳିମକଚି ନଷ୍ଟ କରିଛନ୍ତି । ସୂଚନା ଅନୁସାରେ ମହାବିରୋଡ଼ ଗ୍ରାମର ଦୁହିତା ସ୍ୱାଇଁ, ଜମ୍ବେଶ୍ୱର ସ୍ୱାଇଁ, ଧନେଶ୍ୱର ସ୍ୱାଇଁଙ୍କ କଦଳୀ ବଗିଚା ଭିତରେ ପଶି ତାରବାଡ଼ ଭାଙ୍ଗିବା ସହ କଦଳୀ ଗଛକୁ ଦଳିମକଚି ନଷ୍ଟ କରି ଦେଇଛନ୍ତି ଦନ୍ତା । ପୂର୍ବରୁ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଏବେ ହାତୀ ବଗିଚା ନଷ୍ଟ କରିବାରୁ ଚିନ୍ତାରେ ଅଛନ୍ତି ଚାଷୀମାନେ । ଧାର କରଜ କରି କଦଳୀ ଚାଷ କରିଥିବାବେଳେ ଏବେ ଅମଳ ପୂର୍ବରୁ ହାତୀ ଦ୍ୱାରା ବଗିଚା ଭୁଜିବା ଫଳରେ ଚିନ୍ତାରେ ଚାଷୀ ପରିବାର । ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ପାଇଁ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ନିକଟରେ କ୍ଷତିଗ୍ରସ୍ତ ଚାଷୀ ଦାବି କରିଛନ୍ତି ।

### ■ ଲୁଟେରାଙ୍କ ଟାର୍ଗେଟ୍‌ରେ ପଞ୍ଚାୟତ ଅଫିସ

## ତାଲାଭାଙ୍ଗି ଲୁଟିନେଲେ ଭତ୍ତା ଓ ହରିଶ୍ଚନ୍ଦ୍ର ଟଙ୍କା

**କାମାକ୍ଷାନଗର,୪।୭ (ସମିସ) :** କାମାକ୍ଷାନଗର ଉପଖଣ୍ଡର ତୁମୁସିଙ୍ଗା ଥାନା ଅନ୍ତର୍ଗତ ବାରୁଆଁ ( କା) ପଞ୍ଚାୟତ କାର୍ଯ୍ୟାଳୟରୁ ଗତକାଲି ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ କାର୍ଯ୍ୟାଳୟର ତାଲା ଭାଙ୍ଗି ଭଙ୍ଗାରୁଜା କରିବା ସହିତ ଗଡରେଜରେ ଥିବା ଭତ୍ତା ଓ ହରିଶ୍ଚନ୍ଦ୍ର ଯୋଜାନାର ଟଙ୍କା ଲୁଟ କରିଥିବା ଜଣାପଡ଼ିଛି । ସେହିପରି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଆମ ବ୍ୟାଙ୍କ ଓ ଏକ ମେଡିକାଲକୁ ମଧ୍ୟ ସେମାନେ ତାଲା ଭାଙ୍ଗି ପ୍ରବେଶ କରିବା ସହ ସେଠାରୁ ସିସି ଟିଭିର ହାର୍ଡଡିସ୍କ, ଇନଭର୍ଟର ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି । ଆଜି ସକାଳେ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀ କାର୍ଯ୍ୟାଳୟକୁ ଆସି ଦେଖିବା ପରେ ଏହି ଘଟଣା ଜଣାପଡ଼ିଥିଲା । ଏନେଇ ପଞ୍ଚାୟତ ତରଫରୁ ତୁମୁସିଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଛି । ପୁଲିସ ଘଟଣାର ତଦନ୍ତ କରିବା ପରେ କେତେ ଟଙ୍କା ଓ ଆଉ କ'ଣ କଣ ସାମଗ୍ରୀ ଲୁଟ୍ ହୋଇଛି, ଏ ନେଇ ସମସ୍ତ ତଥ୍ୟ ଜଣାପଡ଼ିବ ବୋଲି ସରପଞ୍ଚ କହିଛନ୍ତି । ପଞ୍ଚାୟତରେ ରାତ୍ରି ଜଗୁଆଳି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏପରି ଲୁଟ୍ କରିଥିବା ଜଣାପଡ଼ିଛି ।




## ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଉତ୍କଳା-୨୦୨୪ ସମ୍ମାନ



**ଢେଙ୍କାନାଳ,୪।୭ (ସମିସ) :** ଢେଙ୍କାନାଳ ଜିଲ୍ଲାର ଗର୍ବ ଓ ଗୌରବ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଆସନ୍ତା ୭ ତାରିଖ ଦିନ କୋଲକତା ଖିଦିରପୁର ସ୍ଥିତ ଶ୍ରୀ ଜଗନ୍ନାଥ ସେବା ସମିତି ସାଂସ୍କୃତିକ ଶାଖା 'ଉତ୍କଳା' ରଥଯାତ୍ରା ଓ ଓଡ଼ିଶା ମହୋତ୍ସବ ପାଳନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ସେବା ସମିତିର ସଭାପତି ଚନ୍ଦ୍ରଶେଖର ପାଣିଗ୍ରାହୀ ଜୁଲାଇ ୮ ତାରିଖ ଦିନ ଓଡ଼ିଶା ମହୋତ୍ସବର ଉଦଘାଟନ କରିବାକୁ ଘୋଷଣା କରିଛନ୍ତି । ଏହି ମହୋତ୍ସବରେ ମର୍ଯ୍ୟାଦାପୂର୍ଣ୍ଣ ଉତ୍କଳ ସମ୍ମାନ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ପ୍ରଦାନ କରାଯିବ । ସେ ଏକାଧାରାରେ ବିଶିଷ୍ଟ ସ୍ତମ୍ଭକାର, ଜ୍ୟୋତିଷ ତଥା ଗବେଷକ ଭାବେ ପରିଚିତ ଓଡ଼ିଆ ଭାଷା, ବ୍ୟାକରଣ, ଜଗନ୍ନାଥ ସଂସ୍କୃତି ଏବଂ ସଂସ୍କୃତିର ଅଧ୍ୟୟନରେ ପାଞ୍ଚ ଦଶନ୍ଧି ଧରି ୩୭ ଟି ପୁସ୍ତକ ଲେଖିଛନ୍ତି । ସେଥି ମଧ୍ୟରୁ କେତେକ ପାଠ୍ୟ ପୁସ୍ତକରେ ଅନ୍ତର୍ଭୁକ୍ତ କରାଯାଇଛି ।

## ହିନ୍ଦୁବିରୋଧୀ ମନ୍ତବ୍ୟଙ୍କୁ ବିରୋଧ

**ଭୁବନ, ୪।୭ (ସମିସ) :** ସଂସଦ ଭବନରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ହିନ୍ଦୁ ବିରୋଧୀ ମନ୍ତବ୍ୟକୁ ନେଇ ଭାରତୀୟ ଜନତା ପାର୍ଟି ଯୁବ ମୋର୍ଚ୍ଚା ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗୁରୁବାର ସନ୍ଧ୍ୟାରେ ଏ ନେଇ ବିରୋଧ ପ୍ରଦର୍ଶନ କରିଥିଲେ ଭୁବନ ବିଜେପି ଯୁବମୋର୍ଚ୍ଚାର କର୍ମକର୍ତ୍ତା । ବିକ୍ଷୋଭ କରିବା ସହିତ ରାହୁଲ ଗାନ୍ଧୀଙ୍କ ଇସ୍ତଫା ଦାବି କରାଯାଇଛି । ସ୍ଥାନୀୟ କାଳୀବଜାର ସ୍ଥିତ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ନିକଟରେ ସମସ୍ତ ଯୁବମୋର୍ଚ୍ଚା କର୍ମୀ ଷ୍ଟାର୍ଟ ଅପ ଇଣ୍ଡିଆର ରାଜ୍ୟ ସଂଯୋଜକ ନିରଞ୍ଜନ ଗୁରୁଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ରାହୁଲ ଗାନ୍ଧୀ ଜଣେ ଅଭ୍ୟାସଗତ ହିନ୍ଦୁ ବିରୋଧୀ ଅଟନ୍ତି । ଦେଶର ଅସ୍ମିତା କେବଳ ରାହୁଲଙ୍କ ନିମନ୍ତେ କ୍ଷୁର୍ଣ୍ଣ ହେଉଛି ବୋଲି ପୂର୍ବତନ ଯୁବମୋର୍ଚ୍ଚା ସଭାପତି ସନ୍ତୋଷ ବିହାରୀ ପ୍ରକାଶ କରିଛନ୍ତି । ଦୀପକ କୁମାର ବେହେରା ଏବଂ ନିର୍ମଳ ପୋଥାଳ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ପାଚିକାଙ୍କ ଅବସର ବୟସ ୬୨କୁ ବୃଦ୍ଧି ଦାବି

**ଢେଙ୍କାନାଳ, ୪।୭ (ସମିସ) :** ଢେଙ୍କାନାଳ ଜିଲ୍ଲାରେ ତଥା ରାଜ୍ୟରେ କାର୍ଯ୍ୟରତ ପାଚିକାମାନଙ୍କ ଅବସର ବୟସ ୬୨ବର୍ଷ କରିବାକୁ ନିଖିଳ ଓଡ଼ିଶା ଏମଡିଏମ ପାଚିକା ସହାୟିକା ସଙ୍ଘ ତରଫରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । ଅଭିଯୋଗ ଅନୁସାରେ ରାଜ୍ୟ ସରକାର ନିକଟରେ ପାଚିକାମାନଙ୍କ ବୟସ ୬୨ ବର୍ଷ କରିବାକୁ ଦାବି କରିଆସୁଛନ୍ତି । ଗତ ମାସ ୧୬ ତାରିଖରେ ଗଣଶିକ୍ଷା ବିଭାଗ ସଚିବଙ୍କ ସହିତ ପାଚିକାମାନଙ୍କ ଆଲୋଚନା ସମୟରେ ଆଶା, ଅଙ୍ଗନବାଡ଼ି କର୍ମୀଙ୍କ ବୟସ ୬୨ ବର୍ଷ ହୋଇଥିବା ବେଳେ ପାଚିକାଙ୍କ ୬୦ ବର୍ଷ ରହିଛି । ତେବେ ପାଚିକାମାନଙ୍କ ବୟସ ୬୨କୁ ବୃଦ୍ଧି କରିବାକୁ ଶିକ୍ଷା ସଚିବ ପ୍ରତିଶ୍ରୁତି ଦେଇଛନ୍ତି । ଏଣୁ ଯେଉଁ ପାଚିକାମାନେ ୬୦ବର୍ଷରେ ଅବସର ହେଉଥିବା ବେଳେ ସେ ସମ୍ପର୍କରେ ସ୍ଥଗିତାଦେଶ ଜାରି କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି ।

## ବାର୍ଦ୍ଧକ୍ୟ ଭତ୍ତା ଅପେକ୍ଷାରେ ୮୪୩ ହିତାଧିକାରୀ

**ଗଁଦିଆ, ୪।୭ (ସମିସ) :** ଗଁଦିଆ ବ୍ଲକରେ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ପାଇବା ନିମନ୍ତେ ବର୍ତ୍ତମାନ ୮୪୩ ଜଣ ହିତାଧିକାରୀ ଅନଲାଇନ ମାଧ୍ୟମରେ ସେମାନଙ୍କର ନାମକୁ ପଞ୍ଜିକୃତ କରିଥିବା ଜଣାପଡ଼ିଛି । ବର୍ତ୍ତମାନ ଉକ୍ତ ଗଁଦିଆ ବ୍ଲକରେ ମଧୁବାବୁ ଯୋଜନାରେ ୧୫, ୪୮୮ ଜଣ ହିତାଧିକାରୀ ଭତ୍ତା ପାଉଥିବା ସ୍ଥଳେ ଜାତୀୟ ଯୋଜନାରେ ଆକାଉଣ୍ଟ ପେମେଣ୍ଟ ମାଧ୍ୟମରେ ୮, ୫୪୫ଜଣ ହିତାଧିକାରୀ ଭତ୍ତା ପାଉଛନ୍ତି । ସେହିପରି ମୃତ୍ୟୁ କ୍ଷେତ୍ରରେ ଖାଲିଥିବା ୭୬ଗୋଟିରୁ ୭୦ଜଣ ହିତାଧିକାରୀଙ୍କର ପୂରଣ ହୋଇଛି । ଜାତୀୟ ଭତ୍ତା ଅପେକ୍ଷାରେ ଥିବା ହିତାଧିକାରୀମାନଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ସାଧାରଣରେ ଦାବି ହେଉଛି ।

## ପଥପ୍ରାନ୍ତ ସୁବିଧା କେନ୍ଦ୍ର କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଦାବି

**ଢେଙ୍କାନାଳ, ୪।୭ (ସମିସ) :** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କପିଳାସ ଠାରେ ଥିବା ପୂର୍ତ୍ତ ବିଭାଗ ପଥପ୍ରାନ୍ତ ସୁବିଧା କେନ୍ଦ୍ରର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । ସୁବିଧା କେନ୍ଦ୍ରରେ ୬ ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ସେମାନେ ଗତ ୨୦୧୭ ମସିହାରୁ କାର୍ଯ୍ୟ କରିଆସୁଥିବା ବେଳେ ପୂର୍ତ୍ତବିଭାଗ ଏକ ଠିକା ସଂସ୍ଥାକୁ କାର୍ଯ୍ୟଭାର ଦେଇଥିଲା । ଠିକା ସଂସ୍ଥା କର୍ମଚାରୀମାନଙ୍କୁ ମଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତଙ୍କର କାର୍ଯ୍ୟ ଦିବସ ବୋଲି ଜଣାଇ ଦେଇଛନ୍ତି । ଫଳରେ ସେମାନେ ବେରୋଜଗାର ହେବା ସହିତ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡ଼ିବ । ଏହାକୁ ନେଇ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ଛଟେଇ ନକରି ସ୍ଥାୟୀ ନିଯୁକ୍ତି ଦେବାକୁ ଦାବି ହୋଇଛି । ଏ ସଂକ୍ରାନ୍ତରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

### ■ ବନମାଳୀପ୍ରସାଦ ଗ୍ରାମବାସୀଙ୍କୁ ଖେଳପଡ଼ିଆ ଜମି ପ୍ରଦାନ ଦାବି

## ସମାଧାନ ନହେଲେ ଆନ୍ଦୋଳନ କରାଯିବ

**ଢେଙ୍କାନାଳ, ୪।୭ (ସମିସ) :** ସଦର ବ୍ଲକ ଅନ୍ତର୍ଗତ ବନମାଳୀ ପ୍ରସାଦ ଗ୍ରାମରେ ଥିବା ଗୋଚର ଜମିରେ ସାନ୍ଧ୍ୟ ସ୍ନାତକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିର୍ମାଣ କରାଯାଉଥିବା ବେଳେ ପ୍ରତିଶ୍ରୁତି ଅନୁସାରେ ଗୋଚର ଜମିର କିସମ ପରିବର୍ତ୍ତନ କରି ଗ୍ରାମବାସୀଙ୍କୁ ୩ ଏକର ଖେଳପଡ଼ିଆ ପାଇଁ ଜମି ଦେବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । ଗ୍ରାମବାସୀଙ୍କୁ ଜମି ପ୍ରଦାନ କରା ନଗଲେ ସେମାନେ କଲେଜ କାମ ବନ୍ଦକରିବା ସହିତ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ବନମାଳୀପ୍ରସାଦ ଗ୍ରାମର ଖାତା ନଂ. ୫୪୧ ପ୍ଲଟ ନଂ. ୧୭୯୭ ଏବଂ ୧୭୯୭/୨୧୫୨ରେ ଥିବା ମୋଟ ୬ ଏକର ୭୪ ଡେସିମିଲ ଗୋଚର ଜମିକୁ ୨୦୨୩ ମସିହା ଅଗଷ୍ଟ ୩୧ ତାରିଖରେ ମୋକଦମା ସଂଖ୍ୟା ୨୯୨/୨୦୨୩ ଏବଂ ୨୮୮/୨୦୨୩ ଅନୁସାରେ କିସମ ପରିବର୍ତ୍ତନ କରାଯାଇ ପ୍ରସ୍ତାବିତ ସାନ୍ଧ୍ୟ ସ୍ନାତକ ଏବଂଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଜମି ଦେବାକୁ ସର୍ବସାଧାରଣ ନୋଟିସ ଦିଆଯାଇଥିଲା । ଗ୍ରାମବାସୀ ଲିଖିତ ଭାବରେ ଆପତ୍ତି ଅଭିଯୋଗ କରିବା ସହିତ ଜମିର କିସମ ପରିବର୍ତ୍ତନ ନକରିବାକୁ ଦାବି କରିଥିଲେ । ସେହି ଜମିରୁ ୩ ଏକର ଗ୍ରାମବାସୀଙ୍କୁ ଖେଳପଡ଼ିଆ ପାଇଁ ପ୍ରଦାନ କରାଯିବାକୁ ଦାବି କରାଯାଇଥିଲା । ଗ୍ରାମବାସୀଙ୍କ ଦାବିକୁ ନେଇ ଜିଲ୍ଲାପାଳ ଏବଂ ବିଧାୟକ ୩ ଏକର ଜମିଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଜମିର ଚିହ୍ନଟ କରା ନଯାଇ କଲେଜ କାମ ଚାଲିଥିବା ବେଳେ ଖେଳପଡ଼ିଆ ଜମିର ଚିହ୍ନଟ ସହିତ କିସମ ପରିବର୍ତ୍ତନ କରି ଗ୍ରାମବାସୀଙ୍କୁ ଦେବାକୁ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି । ଖେଳପଡ଼ିଆ ପାଇଁ ଜମି ପ୍ରଦାନ କରା ନଗଲେ ଗ୍ରାମବାସୀ କଲେଜ କାମ ବନ୍ଦକରିବା ସହିତ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ଏ ସଂକ୍ରାନ୍ତରେ ସାଂସଦ, ମନ୍ତ୍ରୀଙ୍କ ସହିତ ତହସିଲଦାରଙ୍କୁ ଲିଖିତ ଭାବରେ ଅଭିଯୋଗ କରାଯାଇଛି ।

## ଢେଙ୍କାନାଳ ବନଖଣ୍ଡ ପକ୍ଷରୁ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ



**ଢେଙ୍କାନାଳ, ୪।୭ (ସମିସ) :** ୭୫ତମ ବନମହୋତ୍ସବ ପାଳନ ଅବସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଢେଙ୍କାନାଳ ବନଖଣ୍ଡ ବିଭାଗ ସହଯୋଗରେ ଜିଲ୍ଲାରେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ମଣ୍ଟଫର୍ଟ ସ୍କୁଲ ନିକଟସ୍ଥ ଔଷଧୀୟ ଉଦ୍ୟାନ ଠାରେ ବୃକ୍ଷରୋପଣ କରିଥିଲେ । ସୁସ୍ଥ ଏବଂ ନିରାମୟ ଜୀବନଯାପନ ନିମନ୍ତେ ବ୍ୟାପକ ବୃକ୍ଷ ରୋପଣ ସହିତ ବନାଞ୍ଚଳ ସୃଷ୍ଟି ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଏଥିପାଇଁ ସମସ୍ତେ ଅନ୍ୟୁନ ୧ଟି ଲେଖାଏଁ ଗଛ ଲଗାଇବାକୁ ସେ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ, ସଦର ଏସଡିପିଓ ବିଭୂତି ଭୂଷଣ ମହାପାତ୍ର, ସଦର ବିଡିଓ ଆୟୁଷୀ ମହାପାତ୍ରଙ୍କ ସମେତ ଫରେଷ୍ଟ ରେଞ୍ଜ ଅଫିସର, ଆସିଷ୍ଟାଣ୍ଟ ଫରେଷ୍ଟ କଞ୍ଜରଭେଟର ଏବଂ ବନଖଣ୍ଡର କର୍ମଚାରୀମାନେ ବୃକ୍ଷ ରୋପଣ କରିଥିଲେ । ଢେଙ୍କାନାଳ ଜିଲ୍ଲାକୁ ଅଧିକ ସବୁଜ ସୁନ୍ଦର କରି ଗଢିତୋଳିବା ନିମନ୍ତେ ବ୍ୟାପକ ବୃକ୍ଷ ରୋପଣ କରିବାପାଇଁ ଆଗେଇ ଆସିବାକୁ ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଏବଂ ବିଡିଓ ପତାକା ଦେଖାଇ ୨ଟି ଚାରା ବିକ୍ରୟ ଯାନ ପରିକ୍ରମାର ଶୁଭାରମ୍ଭ କରିଥିଲେ ।

## ଏବିଭିପିର ପ୍ରାନ୍ତ ଅଭ୍ୟାସ ବର୍ଗ ଉଦ୍‌ଯାପିତ

**ଢେଙ୍କାନାଳ,୪।୭ (ସମିସ) :** ସ୍ଥାନୀୟ ସିନର୍ଜି ଇଞ୍ଜିନିୟରିଂ କଲେଜଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରାନ୍ତ ଅଭ୍ୟାସ ବର୍ଗ-୨ର ୪ ଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ । ପ୍ରଥମ ଦିନରେ ଉଦଘାଟନ ସତ୍ରରେ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସଭାପତି ଅଧ୍ୟାପିକା ଗାର୍ଗୀ ବାନାର୍ଜୀ, ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ, କ୍ଷତ୍ରୀୟ ସଂଗଠନ ସମ୍ପାଦକ ଅପାଂଶୁ ଶେଖର ସିଲ, ପ୍ରାନ୍ତ ସଂଗଠନ ସମ୍ପାଦକ ବୈଲୋଚନ ସାହୁ ଉପସ୍ଥିତ ଥିଲେ । ରାଜ୍ୟ ସଭାପତି ଗାର୍ଗୀ ବାନାର୍ଜୀ ପ୍ରାସ୍ତାବିକ ରଖିଥିଲେ । ପୂର୍ବ କ୍ଷେତ୍ରର କ୍ଷତ୍ରୀୟ ସଂଗଠନ ସମ୍ପାଦକ ଅପାଂଶୁ ସିଲ ବିଦ୍ୟାର୍ଥୀ ପରିଷଦର ଇତିହାସ ଏବଂ କାର୍ଯ୍ୟ ବାବଦରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ୪ଦିନ ବ୍ୟାପୀ ଚାଲିଥିବା ଥିବା ଏହି ପ୍ରାନ୍ତ ଅଭ୍ୟାସ ବର୍ଗରେ ରାଷ୍ଟ୍ରୀୟ ସହ ସଂଗଠନ ମନ୍ତ୍ରୀ ଗୋବିନ୍ଦ ନାୟକ ଓ ପୂର୍ବତନ ବିହାର କ୍ଷେତ୍ରର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ନିଖିଳ ଜି ଉପସ୍ଥିତ ଥିଲେ ।

## ୧୬ରେ ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମର ସ୍ପଟ୍ ନାମଲେଖା



**ଢେଙ୍କାନାଳ,୪।୭ (ସମିସ) :** ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନରେ ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ପାଇଁ ଜୁଲାଇ ୧୬ ତାରିଖରେ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ । ଏହି ପାଠ୍ୟକ୍ରମରେ ନାମଲେଖା ଲାଗି ଇଚ୍ଛୁକ ଶିକ୍ଷାର୍ଥୀଙ୍କୁ ଜୁଲାଇ ୧୬ରେ ଆଇଆଇଏମସି ଢେଙ୍କାନାଳ କ୍ୟାମ୍ପସ୍ ଆସିବାକୁ ହେବ । ପୂର୍ବାହ୍ନ ୧୧ଟାରୁ ୧୨ଟା ଭିତରେ ଫର୍ମ ପୂରଣ କରିବାର ସମୟ ରହିଥିବା ବେଳେ ଦିନ ୧୨ଟାରୁ ୧ଟା ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଏକ ପ୍ରବେଶିକା ପରୀକ୍ଷା ଦେବାକୁ ହେବ । ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ ବୋଲି ସୂଚନା ଦେଇଛନ୍ତି ଆଇଆଇଏମସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ । ଚଳିତ ୨୦୨୪-୨୫ ଶିକ୍ଷା ବର୍ଷର ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ଆସନ୍ତା ଅଗଷ୍ଟ ୫ ତାରିଖରୁ ଆରମ୍ଭ ହେଉଛି । ଭାରତୀୟ ଜନସଞ୍ଚାର ସଂସ୍ଥାନ, ନୂଆଦିଲ୍ଲୀର ପ୍ରଥମ ଆଞ୍ଚଳିକ ଶାଖା ଢେଙ୍କାନାଳରେ ୧୯୯୩ ମସିହାରେ ଖୋଲାଯାଇଥିଲା । ସେତେବେଳେ କେବଳ ଇଂରାଜୀ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ଦିଆଯାଉଥିଲା । ତେବେ ୨୦୦୧-୦୨ ମସିହାରୁ ଭାରତର ପ୍ରଥମ ଭାଷାଭିତ୍ତିକ ସାମ୍ବାଦିକତା ପାଠ୍ୟକ୍ରମ ଭାବରେ ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ ହୋଇଥିଲା । ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଦେଶର ବିଭିନ୍ନ ଗଣମାଧ୍ୟମରେ ସାମ୍ବାଦିକ ଭାବରେ ଯୋଗଦେଇ ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରଖିଛନ୍ତି । ଏହାସହ ବିଭିନ୍ନ ସରକାରୀ ବିଭାଗ ଓ କର୍ପୋରେଟ ହାଉସରେ ଲୋକସମ୍ପର୍କ ଅଧିକାରୀ, ସୂଚନା ଅଧିକାରୀ ଭାବରେ ମଧ୍ୟ କାର୍ଯ୍ୟ କରୁଛନ୍ତି ।

## ରଥଯାତ୍ରା ପାଇଁ ବଡ଼ଦାଣ୍ଡର ସମୀକ୍ଷା

ଢେଙ୍କାନାଳ, ୪।୭ (ସମିସ) : ଢେଙ୍କାନାଳ ସହରରେ ରବିବାର ରୀତିନୀତି ଅନୁସାରେ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଗୁରୁବାର ଦିନ ରଥ ଯାତ୍ରା ପାଇଁ ବଡ଼ଦାଣ୍ଡ ସମୀକ୍ଷା କରାଯାଇଛି । ଏଥିରେ ଉପ ଜିଲ୍ଲାପାଳ ସପନ କୁମାର ନନ୍ଦ, ଟାଉନ ଆଇଆଇସି, ଏସଡିପିଓ, ପୌର ଅଧିକାରୀ ସୁକାନ୍ତ କୁମାର ବେଉରା, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଓ ସମସ୍ତ କର୍ମଚାରୀ ମାନଙ୍କ ଉପସ୍ଥିତିରେ ବଡ଼ଦାଣ୍ଡ ରାସ୍ତାର ସମୀକ୍ଷା କରିଥିଲେ । ରଥ ଯାତ୍ରା ପୂର୍ବରୁ ରାସ୍ତାରେ ଥିବା ସମସ୍ତ ପ୍ରକାରର ପ୍ରତିବନ୍ଧକକୁ ହଟାଇ ସୁରୁଖୁରୁରେ ରଥଯାତ୍ରା ପାଳନ ପାଇଁ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ।

## ଦମ୍ପତିଙ୍କ ୨୨ ବର୍ଷର ସମ୍ପର୍କ ଭାଙ୍ଗିଦେଲା ପରକୀୟା ପ୍ରୀତି

# ୨ ଛୁଆଙ୍କୁ ଧରି ନ୍ୟାୟ ଅପେକ୍ଷାରେ ନମିତା

କାମାକ୍ଷାନଗର,୪।୭ (ସମିସ)



ଦୀର୍ଘ ୨୨ ବର୍ଷର ସ୍ୱାମୀ- ସ୍ତ୍ରୀର ସମ୍ପର୍କ ହସଖୁସିରେ ଚାଲିଥିଲା । ସ୍ୱାମୀ ଓ ଦୁଇ ପୁଅଙ୍କୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ ନମିତା । କିନ୍ତୁ ସ୍ୱାମୀଙ୍କ ପରକୀୟା ପ୍ରୀତି ଭାଙ୍ଗିଦେଲା ସବୁ ସମ୍ପର୍କର ଡୋର । ଏପରି ଘଟଣା ଦେଖିବାକୁ ମିଳିଛି କାମାକ୍ଷାନଗର ଥାନା ମାର୍ଥାପୁର ପଞ୍ଚାୟତ ଅନ୍ତର୍ଗତ ଜିନେଇଲ ଗାଁରେ । ଗାଁର ଦିଲ୍ଲୀପ ସାହୁ ଆଜିକୁ ୨୨ ବର୍ଷ ତଳେ ମଠକରଗୋଳା ଗାଁର ନମିତା ସାହୁଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ । ଉଭୟଙ୍କର ଦୁଇଟି ପୁଅ ଥିବାବେଳେ ଲୁଗା ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ ଦିଲ୍ଲୀପ । ମାତ୍ର କିଛିମାସ ହେବ ଦିଲ୍ଲୀପ ଦ୍ୱିତୀୟ ବିବାହ କରି ଅନ୍ୟତ୍ର ରହୁଥିବା ବେଳେ ଦୁଇ ପୁଅ ଓ ସ୍ତ୍ରୀକୁ ପଚାରୁ ନଥିବା ଅଭିଯୋଗ କରିଛନ୍ତି ସ୍ତ୍ରୀ ନମିତା ଓ ଜିନେଇଲ ଗ୍ରାମବାସୀ । ବାରମ୍ବାର ଗାଁରେ ଦିଲୀପ ଓ ନମିତାଙ୍କ ମଧ୍ୟରେ ସମ୍ପର୍କ ସୁଧାରିବାକୁ ଚେଷ୍ଟାକରି ବିଫଳ ହେବା ପରେ ନମିତା ଓ ଗ୍ରାମବସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ନିଜ ସ୍ତ୍ରୀ ଓ ଦୁଇ ପୁଅ ଖାଇବାକୁ ନପାଇ ହନ୍ତସନ୍ତ ହେଉଥିବା ବେଳେ ଦିଲ୍ଲୀପ ନିଜ ଦ୍ୱିତୀୟ ସ୍ତ୍ରୀକୁ ନେଇ ଅନ୍ୟତ୍ର ରହୁଥିବା ଅଭିଯୋଗ କରିଛନ୍ତି ନମିତା । ଏପରିକି ଆଜି ପର୍ଯ୍ୟନ୍ତ କୌଣସି ଭରଣପୋଷଣ ଖର୍ଚ୍ଚ ମଧ୍ୟ ଦେଉନାହାନ୍ତି ଦିଲ୍ଲୀପ । ନିଜର ତଥା ନିଜ ୨ ପୁଅଙ୍କ ଭବିଷ୍ୟତ ପାଇଁ ସବୁଠାରେ ବିଫଳ ହେବା ପରେ ନିଜ ସ୍ୱାମୀ ଦିଲ୍ଲୀପଙ୍କୁ ଫେରିପାଇବା ପାଇଁ ଗାଁ ଲୋକଙ୍କ ସହାୟତାରେ ଥାନାର ଆଶ୍ରୟ ନେଇଛନ୍ତି ନମିତା । ତୁରନ୍ତ ପୁଲିସ ଘଟଣାର ତଦନ୍ତ କରି ଦିଲ୍ଲୀପଙ୍କୁ ତାଙ୍କ ପାଖକୁ ଫେରାଇ ଆଣିବା ପାଇଁ ନେହୁରା ହୋଇଛନ୍ତି ନମିତା । ଅନ୍ୟ ପକ୍ଷରେ ସ୍ୱାମୀ ଦିଲ୍ଲୀପ ଅନ୍ୟତ୍ର ଦ୍ୱିତୀୟ ବିବାହ କରିସାରିବା ପରେ ନମିତାଙ୍କ ଉପରେ ଶଶୁର ଘର ଲୋକ ନିର୍ଯାତନା ଦେଉଥିବା ମଧ୍ୟ ଅଭିଯୋଗ ଆଣିଛନ୍ତି ନମିତା । ଶାଶୁ, ଶଶୁର, ନଣନ୍ଦ ଓ ନଣନ୍ଦେଇ ନମିତାଙ୍କୁ ମାଡ଼ପିଟ କରିବା ସହ ଖାଇବାକୁ ଦେଉ ନଥିବା ଅଭିଯୋଗ କରିଛନ୍ତି । ଏପରିକି ତାଙ୍କୁ ଜୀବନରେ ମାରି ଦେବାର ମଧ୍ୟ ଧମକ ଦେଉଥିବା ଅଭିଯୋଗ କରିଛନ୍ତି ନମିତା । ଏପରି ସ୍ଥିତିରେ ସାହିପଡ଼ିଶା ଯାହା ଖାଇବାକୁ ଦେଉଛନ୍ତି ସେଇଥିରେ ନିଜ ଦୁଇ ଛୁଆଙ୍କ ମୁହଁରେ ଆହାର ଦେଉଥିବା କହିଛନ୍ତି ନମିତା । ତୁରନ୍ତ ଏହାର ସମାଧାନ କରିବା ଲାଗି ପୁଲିସକୁ ସେ ଗୁହାରି କରିଛନ୍ତି ।

